# ଆଜିଠୁ ମାଟ୍ରିକ୍ ପରୀକ୍ଷା
# ୧୮୬ କେନ୍ଦ୍ରରେ ପରୀକ୍ଷା ଦେବେ ୩୨୧୨୬ ଛାତ୍ରଛାତ୍ରୀ

ବାଲେଶ୍ୱର, ୧୯ ।୨(ସମିସ)

ମଙ୍ଗଳବାରଠାରୁ ଆରମ୍ଭ ହେବ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ଏଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି ବୋଲି ଜିଲ୍ଲା ଶିକ୍ଷାଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ଚଳିତ ବର୍ଷ ଜିଲ୍ଲାରେ ମୋଟ ୩୨ ହଜାର୧୨୬ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ମୋଟ ୧୮୬ଟି ପରୀକ୍ଷା କେନ୍ଦ୍ର କରାଯାଉଛି। ଏହାବ୍ୟତିତ ୧୨ଟି ନୋଡାଲ ସେଂଟର ମଧ୍ୟ କରାଯାଉଛି। ଯାହାକି ଏହି ନୋଡାଲ ସେଂଟର ଗୁଡିକରେ ପରୀକ୍ଷା ପ୍ରଶ୍ନ ଆସି ରହିବ। ବିଶେଷକରି ଚଳିତ ମୋଟ ୩୧ହଜାର ୯୪୮ ଜଣ ଛାତ୍ରଛାତ୍ରୀ ରେଗୁଲାର ଭାବେ ପରୀକ୍ଷା ଦେଉଥିବା ବେଳେ ୭ଜଣ ଏକ୍ସରେଗୁଲାର ରହିଛନ୍ତି। ଏହାଛଡା ୮୦୬ଜଣ ମଧ୍ୟମା ପରୀକ୍ଷା ଦେବେ। ତେବେ ଏହି ସମସ୍ତଙ୍କୁ ମିଶାଇ ମୋଟ ୩୨ ହଜାର୧୨୬ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏଥିପାଇଁ ମୋଟ୧୮୬ଟି ସେଂଟର ମଧ୍ୟ କରାଯାଇଛି। ଏହାଛଡା୧୨ଟି ନୋଡାଲ ସେଂଟର ମଧ୍ୟରେ ଜିଲ୍ଲା ସ୍କୁଲ ସମେତ ମାର୍କୋଣା ସ୍ଥିତ ଆରଏନ ସରକାରୀ ଉଚ୍ଚବିଦ୍ୟାଳୟ, ବସ୍ତା ସ୍ଥିତ ଏସଏନ ହାଇସ୍କୁଲ, ଖଇରା ସ୍ଥିତ ଖଇରା ସରକାରୀ ବିଦ୍ୟାଳୟ, ଖନ୍ତାପଡ଼ା ସ୍ଥିତ ଖନ୍ତାପଡ଼ା ହାଇସ୍କୁଲ, ରେମୁଣା ହାଇସ୍କୁଲ, ନୀଳଗିରି କେସି ହାଇସ୍କୁଲ, ସୋର ଏସଏନ ହାଇସ୍କୁଲ, ଜଳେଶ୍ୱର ସରକାରୀ ହାଇସ୍କୁଲ, କମର୍ଦ୍ଦା ସ୍ଥିତ ଜେଏନ ସରକାରୀ ବିଦ୍ୟାଳୟ, ଭୋଗରାଇସ୍ଥିତ ଏଚସି ଏକାଡେମୀ, ବାଲିଆପାଳ ସ୍ଥିତ ଏସଆର ସରକାରୀ ବିଦ୍ୟାଳୟ ରହିଛି। ଏହି ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା୩୦ ପର୍ଯ୍ୟନ୍ତ ଚାଲିବ। ପିଲାମାନେ ସକାଳ ୭ଟା୩୦ରେ ପରୀକ୍ଷା ସେଂଟରରେ ପହଁଚିବାକୁ କୁହାଯାଇଛି। ମଙ୍ଗଳବାର ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହେବ। ସେମାନେ ଓଏମଆର ସିଟରେ ପରୀକ୍ଷା ଦେବେ। ଏହି ପରୀକ୍ଷା ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ଗଠନ ହୋଇଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଗୋଟିଏ ଏବଂ ବୋର୍ଡ ପକ୍ଷରୁ ଦୁଇଟି ସ୍କ୍ୱାର୍ଡ ଗଠନ କରାଯାଇଛି। ଏହା ବ୍ୟତିତ ସବୁ ପରୀକ୍ଷା ସେଂଟରରେ ଜଣେ ନୀରିକ୍ଷକ ରହିବେ। ଏପରିକି ପରୀକ୍ଷା ସେଂଟରକୁ ଯାଉଥିବା ସମସ୍ତ ପିଲାମାନଙ୍କର କଡାକଡି ଚେକିଂ କରାଯିବା ସହ ମୋବାଇଲ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଛି। ଏହାଛଡା ଗୋଟିଏ ୨୪ଘଣ୍ଟିଆ କଂଟ୍ରୋଲ ରୁମ ମଧ୍ୟ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

## ରସାୟନ ବିଜ୍ଞାନ ବିଭାଗର ଆଲୁମନି ମିଟ୍-୨୦୨୪



**ବାଲେଶ୍ୱର, ୧୯।୨(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଆଲୁମନି ମିଟ୍(ପୁରାତନ ଛାତ୍ର ବନ୍ଧୁ ମିଳନ)-୨୦୨୪ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ସଙ୍ଗୀତା ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ରସାୟନ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପୂର୍ବତନ ବିଭାଗୀୟ ମୁଖ୍ୟ ଡଃ. ଅମରେନ୍ଦ୍ର ଲାଲ ଦତ୍ତ ଯୋଗଦେଇ ନିଜର ଅନୁଭୂତି ବଖାଣିଥିଲେ। ଅନ୍ୟତମ ଅତିଥି ଭାବେ୍ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ରଞ୍ଜନ କୁମାର ସାହୁ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ବିଭୁଦତ୍ତ ବେହେରା ଆଲୁମିନି ଆଲୁମିନି ମିଟ୍ ର ଆବଶ୍ୟକତା ଏବଂ ଏହାର ଉପଯୋଗିତା ବିଷୟରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ରସାୟନ ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଅମରେନ୍ଦ୍ର ଲାଲ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ମାଳତୀ ସାମଲ ଓ ଅଧ୍ୟାପକ ପ୍ରଭାକର ଦାସ ନିଜର ଅନୁଭୂତି ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଅରୁଣ କୁମାର, ପ୍ରଦୀପ କୁମାର, ବଳଦେବ ଅଂଶ, ହରିଶଙ୍କର ଉପସ୍ଥିତ ରହି ଛାତ୍ର ଜୀବନର ଅନୁଭୂତ ପ୍ରତିପାଦନ କରିଥିଲେ। ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସୁଶାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସାରା କମିଟି ବୈଠକ

**ବାଲେଶ୍ୱର, ୧୯।୨(ସମିସ):** ବାଲେଶ୍ୱର ଚାନ୍ଦିପୁରର ସାରା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହେଇଥିଲା। ଏଥିରେ ଯୋଗ ଦେଇଥିବା ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କୁ କମିଟି ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାନ୍ଦିପୁର ସମେତ ଆଖପାଖ ପଞ୍ଚାୟତ ଗୁଡିକରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ କରବାଲା ପଡ଼ିଆକୁ ଇଦ ମିଲାଦୁନନବୀ ଓ ମହରମ ପର୍ବ ସମୟରେ ନମାଜ ପାଠ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବ୍ୟବହାର କରି ଆସୁଛନ୍ତି। ଦୀର୍ଘ ପଚସ୍ତରୀ ବର୍ଷ ହେଲା ପଡ଼ିଆର ରକ୍ଷଣାବେକ୍ଷଣ ହୋଇନାହିଁ। ଏବେ ଏହି ପଡ଼ିଆ ଖାଲୁଆ ହୋଇଯିବା ଫଳରେ ସାମାନ୍ୟ ବର୍ଷା ହେଲେ ଜଳ ଜମି ରହୁଛି। ତେଣୁ ପଡ଼ିଆକୁ ମାଟି ପକାଇ ଏହାର ଉଚ୍ଚତା ବୃଦ୍ଧି କରିବା ସହ ଉଜ୍ଜଳ ଆଲୋକ ବ୍ୟବସ୍ଥା ଏବଂ ପଡ଼ିଆର ଚତୁପାର୍ଶ୍ୱରେ ଫଳ ଚାରା ରୋପଣ ପାଇଁ ବୈଠକରେ ଉପସ୍ଥିତ ଥିବା ବିଧାୟକଙ୍କୁ କମିଟି ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି। ବୈଠକରେ କମିଟିର ସଭାପତି ହାଜି ଆଲାମ ଅଲ୍ଲୀ ଖାନ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ଶ୍ରୀ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ପଚିଶ ଟି ବସ୍ତିର ସର୍ଦ୍ଦାର ମାନଙ୍କ ଅନୁରୋଧ କୁ ରକ୍ଷା କରି ସେ ସାରା କମିଟିର ଦାବିକୁ ଜିଲ୍ଲାପାଳ ଓ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ବିଧାୟକ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଟାଉନ୍ ହାଇସ୍କୁଲ ମନୋନୀତ



**ବାଲେଶ୍ୱର, ୧୯।୨(ସମିସ):** ସ୍ଥାନୀୟ ଟାଉନ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟ ଆଲୁମିନି ସଭାପତି ସୁବ୍ରତ କର ଏବଂ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଫିସ ସହକର୍ମୀ ମିଳିତ ଭାବେ ପୁଷ୍ପଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୩-୨୪ ପାଇଁ ଟାଉନ୍ ହାଇସ୍କୁଲର ଆଲୁମିନି ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ତରଫରୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀ ୨୪ ତାରିଖରେ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ସମ୍ବର୍ଦ୍ଧିତ କରାଯିବ। ଏହା ବିଦ୍ୟାଳୟ ପାଇଁ ଏକ ଗୌରବର କଥା। ଟାଉନ ହାଇସ୍କୁଲର ଆଲୁମିନି ବିଦ୍ୟାଳୟର ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ବିଦ୍ୟାଳୟ ଏହା ସମ୍ମାନ ପାଇବାକୁ ଯାଉଛି ବୋଲି ସଭାପତି ଓ ସମ୍ପାଦକ ମତ ରଖିଛନ୍ତି। ଶେଷରେ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ସହକର୍ମୀମାନେ ଆଲୁମିନିର ସଭାପତି ଶ୍ରୀ କର ଓ ସମ୍ପାଦକ ଶ୍ରୀ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ବିଦ୍ୟାଳୟ ପାଇଁ ଆହୁରି ଅଧିକ କାର୍ଯ୍ୟମାନ କରି ଯଶସ୍ୱୀ ହୁଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଲୁମିନି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

## ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପିତ

**ବାଲେଶ୍ୱର/ରୂପ୍ସା, ୧୯।୨(ସମିସ):** ରୂପସା ଥାନା ଅନ୍ତର୍ଗତ ପାଟପୁର ବଜାର ଗୋଛାୟତ କମ୍ପେ୍ଲକ୍ସରେ ଆୟୋଜିତ ୭ ଦିନିଆ ଭାଗବତ କଥାମୃତ ପ୍ରବଚନ ସଭା ଉଦଯାପିତ ହୋଇଯାଇଛି। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସଂକୀର୍ତ୍ତନ ମଣ୍ଡଳୀ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଆଧ୍ୟାତ୍ମିକ ଭଜନ ପରିବେଷଣ ପରେ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଶିଷ୍ଟ ପ୍ରବଚକ ତଥା ସାଧୁ ଶ୍ରୀଶ୍ରୀଶ୍ରୀ ବିଜୟ ରାଘବେନ୍ଦ୍ର ଦାସ ମହାରାଜ ଯୋଗ ଦେଇ ଗୀତା, ଭାଗବତ ଓ ରାମାୟଣ ସମ୍ବନ୍ଧୀୟ ଆଧ୍ୟାତ୍ମିକବାଣୀ ଶ୍ରବଣ କରାଇଥିଲେ। ଭକ୍ତି ଭାବ ଓ ଆଧ୍ୟାତ୍ମିକ



ଚେତନା ବଳରେ ମଣିଷ ଭଗବାନଙ୍କର ନିକଟତର ହୋଇଥାଏ ବୋଲି ସେ କହିଥିଲେ। ୭ ଦିନ ବ୍ୟାପୀ ଆଖପାଖ ଅଞ୍ଚଳରୁ ଶତାଧିକ ଭଗବତପ୍ରେମୀ ଏହି ଆଧ୍ୟାତ୍ମିକ ସଭାରେ ଯୋଗ ଦେଇ ପ୍ରବଚନ ଶୁଣିଥିଲେ।

## ୨୮ରୁ ପଞ୍ଚାୟତ ଚାମ୍ପିଅନ ଲିଗ୍ ସିଜନ-୨



**ବାଲେଶ୍ୱର, ୧୯।୨(ସମିସ):** ଚଳିତ ମାସ ୨୮ ତାରିଖ ଠାରୁ ପଞ୍ଚାୟତ ଚାମ୍ପିଅନ ଲିଗ ସିଜନ-୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଖେଳାଳି ନିଲାମ ପ୍ରକ୍ରିୟା ପବିତ୍ର ରିଷ୍ଟା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୪୭ ଜଣ କ୍ରିକେଟର ଭାଗ ନେଇଥିଲେ। ଆଠଟି ଟିମର ମାଲିକ ଏବଂ ଆଇକନ ଖେଳାଳି ମାନେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ନିଲାମ ପ୍ରକ୍ରିୟା ମାଧ୍ୟମରେ କିଣି ନିଜ ଟିମରେ ସାମିଲ କରିଥିଲେ।ଏହି ପରିପ୍ରେକ୍ଷୀରେ ଟ୍ରଫି ଉନ୍ମୋଚନ କରାଯାଇଥିଲା। ସମାଜସେବୀ ସୁରେଶ ମାଝୀ ଏହାକୁ ଉନ୍ମୋଚନ କରିଥିଲେ। ଫେବୃଆରୀ ୨୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ରେ ରୟଲ ଷ୍ଟାର, ଭାଗ୍ୟଶ୍ରୀ ୧୧, ଦି ୱାରିଆର, ସାର ଗାଁ ୱାରିଆର, ମାଝୀ ଆଣ୍ଡ ମାଝୀ, ଏସଜେ ଫାଇଟର, ସିନ୍ଦୁରି ୱାରିଅରସ, ସିନ୍ଧୁ ଲାୟନ୍ସ ପ୍ରମୁଖ ଦଳ ସାମିଲ ହେବେ। ଏହି ଟୁର୍ଣ୍ଣାମେଣ୍ଟ ପଞ୍ଚାୟତ କ୍ରିକେଟ କମିଟି ଦ୍ୱାରା ଆୟୋଜନ ହୋଇଥିବା ବେଳେ ସମସ୍ତ ମ୍ୟାଚ ଇସାଣି ମିନି ଷ୍ଟାଡିୟମରେ ଖେଳାଯିବ। ମୁଖ୍ୟଅତିଥି ଭାବେ ବାସୁବିତ ମନ୍ମଥ କୁମାର ମିଶ୍ର, ପଞ୍ଚାୟତ କ୍ରିକେଟ କମିଟିର ସଭାପତି ସୁଶାନ୍ତ ଶତପଥୀ, ସମାଜ ସେବୀ ଭଗବାନ ଦାଶ, ସମ୍ପାଦକ ସୁଦର୍ଶନ ମାଝୀ, ସମ୍ପାଦକ ହିମାଂଶୁ ଶେଖର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଟ୍ରଫି ଉନ୍ମଚନ କରିଥିଲେ।

### ହତ୍ୟା ଅଭିଯୋଗରେ ଶିକ୍ସାଞ୍ଚଳ ପୁଲିସ ନେଉନି କାର୍ଯ୍ୟାନୁଷ୍ଠାନ
## ନ୍ୟାୟ ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ବର୍ଗଙ୍କ ଧାରଣା

ବାଲେଶ୍ୱର, ୧୯ ।୨(ସମିସ)

ବାଲେଶ୍ୱର ଜିଲ୍ଲା ଶିକ୍ସାଞ୍ଚଳ ଥାନା ସୋମନାଥପୁର ବୈଷ୍ଣବବାଡ଼ ଅଞ୍ଚଳର ରବୀନ୍ଦ୍ର ନାଥ ସ୍ୱାଇଁ ତାଙ୍କ ପୁତ୍ର ଅଜୟ କୁମାର ସ୍ୱାଇଁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏହ ସହ ଘଟଣାରେ ଶିକ୍ସାଂଚଳ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ତାଙ୍କ ପରିବାର ବର୍ଗ ଓ ଗ୍ରାମବାସୀମାନେ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଠିକ ତଦନ୍ତ କରି ନ୍ୟାୟ ଦେବା ଦାବିରେ ଧାରଣା ଦେଇଛନ୍ତି।

ମୃତକଙ୍କ ବାପା ରବୀନ୍ଦ୍ରଙ୍କ ଅଭିଯୋଗ ଅନୁସାରେ, ଗତ୧୫ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ତାଙ୍କ ପୁଅ ଅଜୟ ଛକ ନିକଟକୁ ବୁଲିବା ପାଇଁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ମାତ୍ର ପରିବାର ଲୋକେ ବହୁ ଖେଶଜାଖୋଜି କରିବା ପରେ ମଧ୍ୟ ତାଙ୍କ ପଇ ନଥିଲେ। ହେଲେ ଉକ୍ତ ଦିନ ରାତି ୧ଟା୩୦ମିନିଟ ସମୟରେ ସୋମନାଥପୁର ସ୍ଥିତ ସୁତେଇବଡଗାଁ ଠାରେ ଥିବା ବିଟସ୍ ଘରୋଇ କଲେଜର ମ୍ୟାନେଜମେଣ୍ଟ ଦାୟିତ୍ୱରେ ଥିବା ପ୍ରଜ୍ଞାପାରମିତା ମହାନ୍ତିଙ୍କ ଭାଇ ଘନଶ୍ୟାମ ମହାନ୍ତି ତାଙ୍କ ଘରକୁ ଫୋନ କରିଥିଲେ। ଏବଂ ସେ ଛାତରୁ ପଡ଼ିଯାଇଥିବା କହିଥିଲେ। ଖବର ପାଇ ଅଜୟଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଜୟଙ୍କର ଚପଲ ସାଇ ମନ୍ଦିର ନିକଟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାସହ ଅଜୟଙ୍କ କାନ, ନାକ ଓ ପାଟିରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ଦେଖିବାକୁ ପାଇଥିଲେ। ଏଣୁ ତୁରନ୍ତ ଏକ ଆମ୍ବୁଲାନସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଣୁ ଅଜୟଙ୍କର ମୃତ୍ୟୁର କାରଣ ଜଣା ପଡ଼ିନଥିବା ବେଳେ ତାଙ୍କୁ କଲେଜର କର୍ତୃପକ୍ଷ ଏବଂ ସହଯୋଗୀମାନେ ପିଟି ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଶିକ୍ସାଞ୍ଚଳ ଥାନାରେ ଦୁଇ ଦୁଇ ଥର ଲିଖିତ ଅଭିଯୋଗ ହୋଇଥିଲେ ବି ପୋଲିସ ତାହାକୁ ଗ୍ରହଣ କରୁନାହିଁ। ସେପଟେ୧୦ଲକ୍ଷ ଟଙ୍କା ନେଇ ଘଟଣାର ସମାଧାନ କରିବା ପାଇଁ ପୋଲିସ ପରାମର୍ଶ ଦେଉଛି ବୋଲି ମୃତ ଅଜୟଙ୍କ ବାପା ଅଭିଯୋଗ କରିବା ସହ ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଆଡ଼ିସିନାଲ ଏସପି ତୁରନ୍ତ ତଦନ୍ତ କରିବା ଶିକ୍ସାଞ୍ଚଳ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଛି। ଏ ନେଇ ବିଟସ କଲେଜର ଡାଇରେକ୍ଟର ନିର୍ମଳ ଧଳଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଏପରିକି ଟଙ୍କା ଦେଇ ମାମଲାକୁ ରଫାଦଫା କରିବା ଘଟଣା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା। ନିକଟରେ ଏକ ମନ୍ଦିରର ଉତ୍ସବ କାର୍ଯ୍ୟ ଚାଲୁଥିବା ବେଳେ କୌଣସି କାରଣବଶତଃ ସେ ଏଠାକୁ ପଳାଇ ଆସିଛନ୍ତି ଏବଂ ଅସାବଧାନାତା ହେତୁ ସେ ପଡ଼ିଯାଇଛନ୍ତି ବୋଲି କହିଛନ୍ତି। ଏହାସହ ପୁଲିସ ଘଟଣାର ତଦନ୍ତ କରୁଛି ପରେ ସଠିକ ଭାବେ ଜରାପଡ଼ିବ ବୋଲି କହିଛନ୍ତି।



## ଶିକ୍ଷକ ବ୍ରଜେନ୍ଦ୍ର କୁମାର ପରିଡ଼ାଙ୍କ ସ୍ମୃତିସଭା

**ବାଲେଶ୍ୱର, ୧୯।୨(ସମିସ):** ସଦର ବ୍ଲକ ଖାନନଗର ପଞ୍ଚାୟତ ହରିଡା ଗ୍ରାମରେ ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରମାନଙ୍କୁ ନେଇ ସ୍ୱର୍ଗତ ଗୁରୁଜୀ ବ୍ରଜେନ୍ଦ୍ର କୁମାର ପରିଡ଼ାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିଚାରଣ ସଭା କୃଷିବିତ ଭାଗବତ ପ୍ରଚାର ସମୀତିର ମୁଖ୍ୟ ଡ. କେଶବ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କବି ଜଳଧର ପଣ୍ଡା, ଡାକ୍ତର ଅଭିମନ୍ୟୁ କାନୁନଗୋ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଦାସ, ବ୍ରଜେନ୍ଦ୍ର ପରିଡ଼ା ଫାଉଣ୍ଡେସନର ମୁଖ୍ୟ ବାସନ୍ତୀ ମଣି ଦାସ, ସବିତା ପାତ୍ର, ପ୍ରଭାକର ନାୟକ, ବିଜୟ କୁମାର ପରିଡ଼ା, ପ୍ରଶନ୍ନ କୁମାର ପରିଡ଼ା, ଛାତ୍ର ମାନବାଧିକାର କର୍ମୀ ସୁଧାକର ସେଠୀ ସ୍ମୃତିଚାରଣ କରିଥିଲେ। ଛାତ୍ର ସତ୍ୟବ୍ରତ ସ ମଞ୍ଚ ଆହ୍ୱାନ ଓ ରାଜୀବ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।







## ଶ୍ରେଷ୍ଠ ଜିଲ୍ଲା ସଂଯୋଜକ ସମ୍ମାନ ପାଇଲେ ସନ୍ତୋଷ ରାଉତ



**ବାଲେଶ୍ୱର, ୧୯।୨(ସମିସ):** ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ତଥା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଡକ୍ଟର ସନ୍ତୋଷ କୁମାର ରାଉତଙ୍କୁ ଚଳିତ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ସରୋ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଅଧକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଓ ସୁରେନ୍ଦ୍ରନାଥ ବୈଷୟିକ ମହାବିଦ୍ୟାଳୟ, କମର୍ଦ୍ଦା ଅଧକ୍ଷ ସରୋଜ ରଞ୍ଜନ ସେନାପତି ଶ୍ରେଷ୍ଠ ଜିଲ୍ଲା ସଂଯୋଜକ ସମ୍ମାନରେ ଭୂଷିତ କରିଛନ୍ତି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ, ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ଡକ୍ଟର ପ୍ରଭାତ ଚନ୍ଦ୍ର ଚୌଧୁରୀ ଓ ବିଶିଷ୍ଟ କବି ପ୍ରଶାନ୍ତ ଦାସଙ୍କ ସମେତ ଉଭୟ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ଆଲ ସୁରକ୍ଷା ସଂଯୋଜକ ଭାବେ ୨୦୧୭ ମସିହାରୁ ସେ କାମ କରି ଅନେକ ଝିଅ ପିଲାଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ରାଜ୍ୟସ୍ତରରେ ବାଲେଶ୍ୱର ଜିଲ୍ଲା ପାଇଁ ଅନେକ ଗୌରବ ଆଣିପାରିଛନ୍ତି। ସେଥିପାଇଁ ତାଙ୍କ ନିକଟରେ ଛାତ୍ରୀ ସମାଜ ନିଶ୍ଚୟ ଋଣୀ ରହିବ ବୋଲି ଅତିଥିମାନେ ପରିପ୍ରକାଶ କରିବା ସହିତ ରାଜ୍ୟସ୍ତରରେ ଏହାକୁ ଅଧିକ ପ୍ରଗତିଶୀଳ କରିବାକୁ ମତବ୍ୟକ୍ତ କରିଥିଲେ।






### ନର୍ସିଂ କଲେଜ ବିରୋଧରେ ଅଭିଯୋଗ ଆଣିଲେ ଛାତ୍ରଛାତ୍ରୀ

# ପରୀକ୍ଷା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବାଲେଶ୍ୱର, ୧୯ ।୨(ସମିସ)



ବାଲେଶ୍ୱର ସହର ନିକଟସ୍ଥ ହରିଡା ସ୍ଥିତ ଏବିଏ କ୍ୟାମ୍ପସ ମଧ୍ୟରେ ଥିବା ମା' ବୈଷ୍ଣୋଦେବୀ ନର୍ସିଂ କଲେଜର ଛାତ୍ରଛାତ୍ରୀମାନେ ସେମାନଙ୍କର ସେମିଷ୍ଟାର ପରୀକ୍ଷା ବର୍ତ୍ତମାନ ପର୍ଯ୍ୟନ୍ତ ନ କରାଯିବା ସହ ବିନା ନୋଟିସରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କ୍ଲାସ ବନ୍ଦ କରିବା ଆଦି ଅଭିଯୋଗ କରି ସେମାନଙ୍କ ଅଭିଭାବକମାନଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଲେଜର ଛାତ୍ର କିରଣ କୁମାର ପଣ୍ଡାଙ୍କ ଅଭିଯୋଗ ଅନୁସାରେ, ସେମାନେ ପ୍ରଥମ ବ୍ୟାଚ ଅର୍ଥାତ ୨୦୨୧-୨୨ରେ ୨୭ଜଣ ପିଲା ଏହି କଲେଜରେ ନର୍ସିଂ ପଢ଼ିବା ପାଇଁ ନାମ ଲେଖାଇଥିଲେ। ଏପରିକି ସେମାନେ ୧ଲକ୍ଷ ୧୫ହଜାର ଟଙ୍କା ମଧ୍ୟ ଦେଇଛନ୍ତି। ସେହିପରି ଦ୍ୱିତୀୟ ବ୍ୟାଚ ଅର୍ଥାତ ୨୦୨୨-୨୩ରେ ୪୪ଜଣ ଛାତ୍ରଛାତ୍ରୀ ଆଡମିସନ କରିଛନ୍ତି। ତେବେ ମୋଟ ଉପରେ ୭୧ଜଣ ଛାତ୍ରଛାତ୍ରୀ ଏଠାରେ ଦୁଇଟି ବ୍ୟାଚରେ ପଢୁଛନ୍ତି। ପ୍ରଥମେ ଆଡମିସନ ସମୟରେ ଏକ ଲକ୍ଷ ଟଙ୍କା ନେଇଥିବା ବେଳେ ଦ୍ୱିତୀୟ ଥର ୯୦ହଜାର ଟଙ୍କା ଲେଖାଏଁ କଲେଜ ନେଇଛନ୍ତି। ଆଡମିସନ ସମୟରେ କଲେଜ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ରହିଥିବା କୁହାଯାଇ ସୋମନଙ୍କୁ ଆଡମିସନ କରାଯାଇଥିଲା। କିନ୍ତୁ ଆଡମିସନ ପରେ ସେଠାରେ ପାଠପଢ଼ା ସଠିକ ଭାବେ ହେଉନଥିବା ବେଳେ ଦକ୍ଷତା ସମ୍ପନ୍ନ ଶିକ୍ଷକ ମଧ୍ୟ ନାହାନ୍ତି ବୋଲି ଜାଣିବାକୁ ପାଇଥିଲେ। ଏପରିକି ଏପର୍ଯ୍ୟନ୍ତ ସେମାନଙ୍କର କୌଣସି ସେମିଷ୍ଟାର ପରୀକ୍ଷା କରାଯାଇନଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏହାସହ ସେମାନେ ଅଭିଯୋଗ କରିଛନ୍ତି ଯେ, କଲେଜରେ ରେଗୁଲାର କ୍ଲାସ ହେଉ ନଥିବା ବେଳେ ଦକ୍ଷ ପ୍ରିନ୍ସିପାଲ ମଧ୍ୟ ନାହାନ୍ତି। ଏପରିକି କଲେଜରେ ସେମାନଙ୍କର ପ୍ରାକ୍ଟିକାଲ ହେଉନଥିବା ବେଳ ଆଜି ପର୍ଯ୍ୟନ୍ତ ଗୋଟିଏ ବି ପରୀକ୍ଷା ହୋଇନାହିଁ। ଏପରିକି ବର୍ତ୍ତମାନ ପର୍ଯ୍ୟନ୍ତ ୪ଟି ସେମିଷ୍ଟାର ପରୀକ୍ଷା ହୋଇଯିବା କଥା ହେଲେ ଗୋଟିଏ ବି ପରୀକ୍ଷା ହୋଇ ନାହିଁ। ଏପରିକି କଲେଜର ଗାଇଡଲାଇନ ଅନୁସାରେ ୧୨ଜଣ ଶିକ୍ଷକ ରହିବା କଥା ହେଲେ ମାତ୍ର ୪ଜଣ ଶିକ୍ଷକ ରହିଛନ୍ତି। ଏପରିକି ପିଲାମାନଙ୍କୁ କୌଣସି ନୋଟିସ ନ ଦିଆଯାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କ୍ଲାସ ବନ୍ଦ କରି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହାଛଡା ସେଠାରେ ସିଲାବସ୍ ଅନୁସାରେ କୌଣସି ପାଠପଢ଼ା ହେଉନଥିବା ବେଳେ ପରୀକ୍ଷା ପାଇଁ କୌଣସି ନୋଟିସ ମଧ୍ୟ କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଜଣେ ଅଭିଭାବକ ପୁଷ୍ପଲତା ମହାନ୍ତି କହିଛନ୍ତି ଯେ, ସେଠାରେ ତାଙ୍କ ପିଲାର ଭଲ ଭବିଷ୍ୟତ ପାଇଁ ନର୍ସିଂ ପଢ଼ାଉଥିଲେ। ବହୁ କଷ୍ଟରେ ସେମାନେ ଟଙ୍କା ଯୋଗାଡ କରି ପିଲାଙ୍କୁ ସେଠାରେ ପଢ଼ାଉଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଟିଏ ବି ପରୀକ୍ଷା ଅନୁଷ୍ଠିତ ହୋଇନଥିବା ବେଳେ ସେମାନଙ୍କ ଭବିଷ୍ୟତ ଏବେ ଅନ୍ଧକାର ଆଡକୁ ଠେଲି ହୋଇଯାଇଛି ବୋଲି କହିଛନ୍ତି। ଅନ୍ୟପଟେ କଲେଜ କର୍ତ୍ତୃପକ୍ଷ ବିଭିନ୍ନ କାରଣ ଦେଖାଇ ନର୍ସିଂ ଛାତ୍ର କିରଣ କୁମାର ପଣ୍ଡାଙ୍କୁ କଲେଜରୁ ବହିଷ୍କୃତ କରିଛନ୍ତି। ଏ ନେଇ ସେ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ କଲେଜର ଡିନ୍ ଦୀପକ କୁମାର ବାରିକ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଅଭିଯୋଗ ଭିତ୍ତିହୀନ। କଲେଜର ସବୁ କାଗଜପତ୍ର ଠିକ ରହିଛି। ଫକୀରମୋହନ ୟୁନିଭରସିଟି ଅଧିନରେ ଏହି ପରୀକ୍ଷା ହେବ। ଏଣୁ ଚଳିତମାସ ଶେଷ ସୁଦ୍ଧା ପରୀକ୍ଷା ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଲିପସା ପତି, ଦିପ୍ତୀପ୍ରଭା ନାୟକ, ଗାୟତ୍ରୀ ମହାରଣା, ମଳୟ ରଞ୍ଜନ ଜେନା, ଜୟସ୍ମିତା ପାତ୍ର ପ୍ରମୁଖଙ୍କ ସହ ଅଭିଭାବକ ବାସନ୍ତୀ ପଣ୍ଡା, ଦୟାନିଧି ଭୋଇ, କବିତା ବେହେରା, ପ୍ରଭାକର ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଏ ନେଇ ଏକ ଦାବିପତ୍ର ମଧ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ଫାର୍ମ ହାଉସ୍‌ରୁ ଚୋରି ଅଭିଯୋଗ

**ବାଲେଶ୍ୱର, ୧୯ ।୨(ସମିସ):** ସଦର ଥାନା ଅର୍ନ୍ତଗତ ସୁନ୍ଦୁରି ମୌଜାରେ ନୂଆକରି ତିଆରି ହୋଇଥିବା ଡିଫେନସ ରୋଡ ଭାୟା ପୋଖରୀ ପଦ୍ମାବତୀ ୱାଟର ପାର୍କ ନିକଟରେ ଗୋପଳଗାଁ ଅଞ୍ଚଳର ସାମ୍ବାଦିକ ବିପ୍ଳବ ମହାନ୍ତିଙ୍କର ବେଷ୍ଟ ଗ୍ରୀନପାର୍କ ଫାର୍ମହାଉସ ରହିଛି। ତାଙ୍କ ଫାର୍ମରେ ଗତ କାଲି ବିଳମ୍ବିତ ରାତିରେ ଚୋରି ହୋଇଯାଇଥିବା ନେଇ ତାଙ୍କ ପୁଅ ଶ୍ରୀମାନ ଶ୍ରୀଚନ୍ଦନ ସଦର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ଗତ କାଲି ବିଳମ୍ବିତ ରାତିରେ ତାଙ୍କ ଫାର୍ମ ହାଉସରେ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ କିଛି ଅସାମାଜିକ ବ୍ୟକ୍ତି ଘର ବାହାରପଟୁ ତାଲା ପକାଇ ସେଠାରେ ଥିବା କଂପ୍ୟୁଟର, ଗ୍ୟାସ ସିଲିଣ୍ଡର, ପାଣି ପମ୍ପର ଷ୍ଟାଟର, ଗାଡି ବ୍ୟାଟେରୀ ଏବଂ ଆଲମୀରା ମଧ୍ୟରେ ଥିବା ୧୫ହଜାର ଟଙ୍କା ସମେତ ବହୁ ଦରକାରୀ କାଗଜପତ୍ର ଚୋରି କରିନେଇଛନ୍ତି। ଘରେ ଥିବା ଆଲମୀରାକୁ ବାହାରକୁ ଆଣି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛନ୍ତି। ଏହାଛଡା ଏଠାରେ ପୂର୍ବରୁ ଦୁଇ ଥର ଚୋରି ହୋଇସାରିଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଏଣୁ ଉକ୍ତ ଚୋରି ଘଟଣାରେ ପୁଲିସ ତଦନ୍ତ କରି ଚୋରକୁ ଧରିବା ସହ ତାଙ୍କ କାଗଜପତ୍ର ଉଦ୍ଧାର କରିବାକୁ ଅନୁରୋଧ କରିଛନ୍ତି। ଘଟଣା ସ୍ଥଳରେ ସଦର ପୁଲିସ ପହଁଚି ତଦନ୍ତ କରିବା ସହ ଖୁବ ଶିଘ୍ର ଚୋରକୁ ଗିରଫ କରିବା ସହ ଚୋରି ହୋଇଥିବା ଜିନିଷ ଉଦ୍ଧାର କରିବ ବୋଲି କହିଛି।

## ମରଣାନ୍ତକ ଆକ୍ରମଣ, ୨ କୋର୍ଟଚାଲାଣ

**ଔପଦା, ୧୯।୨(ସମିସ) :** ଔପଦା ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ବାଙ୍ଗୁରୁ ଗ୍ରାମର ଗୋଟିଏ ପରିବାରର କଳହ ଉଗ୍ର ରୂପ ଧାରଣ କରି ଦୁଇଟି ପୃଥକ ମାମଲା ରୁଜୁ ହୋଇ ଦୁଇ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବାର ଜଣାଯାଇଛି। ଘଟଣା ରୁ ଜଣାଯାଏ ଘରୋଇ ଜମି ଓ ଗାଡି କିଣା ବିବାଦକୁ ନେଇ ଶତ୍ରୁଘ୍ନ ଯେନା(୭୭) ଓ ତାଙ୍କ ସାନ ପୁଅ ଉମେଶ ଯେନା (୪୦), ବଡ଼ ପୁଅ ରମେଶ ଯେନା (୫୦) ଓ ରମେଶ ଙ୍କ ମଝିଆ ଝିଅ ମାଳତୀ ଯେନା (୨୩) ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ଏ ନେଇ ପୁଲିସ ଶତ୍ରୁଘ୍ନ ଓ ଉମେଶ କୁ କେଶ ନମ୍ବର ୩୦/୨୪ ମୂଳେ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଶତ୍ରୁଘ୍ନ ଙ୍କ ଅଭିଯୋଗ କ୍ରମେ ୩୧/୨୪ ମୂଳେ ପୋଲିସ ରମେଶ ଯେନା(୫୦), ଅଧିକ ଯେନା(୪୫) ପାର୍ବତୀ ଯେନା(୨୪), ମାଳତୀ ଯେନା(୨୩), ଭାରତୀ ଯେନା(୨୫) ଙ୍କ ନାମରେ ଏତଲା ଦାଏର ହୋଇଛି। ଶତ୍ରୁଘ୍ନ ଓ ଉମେଶ ବଡ ପୁଅ ରମେଶ ଙ୍କ ବାଡ଼ି ରେ ଲଗାଇଥିବା ବିଭିନ୍ନ ପ୍ରକାର ଗଛ କାଟି ନଷ୍ଟ କରି ଦେଇଥିବା ସହ ଗାଡ଼ିକୁ ଅଟକ କରିବା ଯୋଗୁ ଏ ପ୍ରକାର ଅଘଟଣ ଘଟିଛି ବୋଲି ଜଣା ଯାଇଛି।

## ଯୁବକଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

**ଖଇରା, ୧୯।୨ (ସମିସ):** ଯୁବକକୁ ନିଛାଟିଆ ରାସ୍ତାରେ ଅଟକାଇ ମାଡ଼ ମାରି ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ। ଖଇରା ଥାନା ଅନ୍ତର୍ଗତ ରଟିଣା ଗ୍ରାମର କମଳା କାନ୍ତ ମହାନ୍ତିଙ୍କ ପୁଅ ନଳିନୀ କାନ୍ତ ମହାନ୍ତି ସୋମବାର ରାତି ୭ ଟାରେ ଖଇରା ବଜାରରୁ ନିଜ ବାଇକରେ ଘରକୁ ଫେରୁଥିବା ବେଳେ କୁପାରୀ କେନାଲ ବନ୍ଧ ନିକଟରେ ଦୁଇ ଜଣ ଯୁବକ ବାଇକ ଆସି ନଳିନୀର ବାଇକ ଆଗରେ ଛିଡା ହୋଇ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଟଙ୍କା ଓ ମୋବାଇଲ ମାଗିଥିଲେ। ନଳିନୀ ନ ଦେବାରୁ ଦୁର୍ବୃତ୍ତମାନେ ନଳିନୀକୁ ମାଡ଼ ମାରିଥିଲେ। ସେ ଚିତ୍କାର କରିବାରୁ ଉକ୍ତ ରାସ୍ତା ଦେଇ ଜଣେ ଯୁବକ ଆସିବା ଦେଖି ଦୁର୍ବୃତ୍ତମାନେ ନଳିନୀ ବେକରେ ପିନ୍ଧିଥିବା ସୁନା ଚେନକୁ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଘଟଣା ନେଇ ନଳିନୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଛି।

## ଅବକାରୀ ଚଢ଼ଉ, ଦୁଇ ଗିରଫ

ସୋର, ୧୯।୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ଶିଙ୍ଗାଖୁଣ୍ଟା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୋଚନଷ୍ଟ କରିବା ସହିତ ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁ ଏବଂ ନୀଳଗିରି ଅବକାରୀ ରେଞ୍ଜ ଆଇଆଇସି କେଶବ ଦାସଙ୍କ ନେତୃତ୍ୱରେ ଏକ ଟିମ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଜଙ୍ଗଲରେ ଚଢ଼ଉ କରି ୧ ହଜାର ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୬୦ ଲିଟର ଦେଶୀମଦ ଜବତ କରି କ୍ରିଷ୍ଣା ସିଂକୁ ଗିରଫ କରିଥିଲେ। ସେହିପରି ହାତୀ ଖୋଲିଆ ଗ୍ରାମର ଅନିରୁଦ୍ଧ ସିଂ ନିକଟରୁ ୩୮ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ଗଣେଷ ସିଂ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

## କେନାଲ ପାଇପ ଚୋରି, ଜଣେ ଗିରଫ

ଔପଦା, ୧୯।୨(ସମିସ) : ଔପଦା ଥାନା ଅନ୍ତର୍ଗତ ବଡପୋଖରୀ ପଞ୍ଚାୟତ ଅଘାଶୂଳ ଗ୍ରାମର କେନାଲ କାର୍ଯ୍ୟ ନିମନ୍ତେ ଆସିଥିବା ପାଇପକୁ ଜଣେ ବ୍ୟକ୍ତି ଚୋରି କରୁଥିବା ଖବର ପାଇ ବିଭାଗୀୟ ତରଫରୁ ଔପଦା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୁଲିସ ତଦନ୍ତ କରି ପାଇପ ଚୋରି ଅଭିଯୋଗରେ କେନାଲ ବିଭାଗ ର ବିଭାଗୀୟ ଅଧିକାରୀ ରଚିତ ରଞ୍ଜନ ଦାସ ଙ୍କ ଅଭିଯୋଗ ଅନୁସାରେ କେଶ ନମ୍ବର ୩୨/୨୪ ମୁଳେ ଅଭିଯୁକ୍ତ ସନାତନ ଯେନା(୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି।

## ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



**ପଞ୍ଚଲିଙ୍ଗେଶ୍ୱର, ୧୯।୨(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଏହି ଗ୍ରାମସଭା ପ୍ରାରମ୍ଭ ରେ ଏଲ.ଇ.ଡି ସ୍କ୍ରିନ, ପାଲା ପରିବେଷଣ ମାଧ୍ୟମରେ ବିଜେଡି ସରକାରରେ ସୁଦୀର୍ଘ ୨୫ ବର୍ଷ ର ସଫଳତା ବିଷୟ ସହିତ ଜନ୍ମ ପୂର୍ବରୁ ଜନନୀ ଯୋଜନା ଠାରୁ ଆରମ୍ଭ କରି ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନା ର ସୂଚନା ଦେଇଛନ୍ତି। ପଞ୍ଚାୟତରେ ଅନୁଷ୍ଠିତ ସଭାରେ ସରପଞ୍ଚ ପୁରୁଷୋତ୍ତମ ସେଠି ସଭାପତିତ୍ୱ କରିଥିବା ବେଳେ ଔପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, ଜିଲ୍ଲା ପରିଷଦ ଉଷାରାଣୀ ରାଉଳ, ନାୟବ ସରପଞ୍ଚ ମାଳତୀ ନାୟକ, ସମିତି ସଭ୍ୟ ଭୋଳାନାଥ ମାଝୀ, ପଞ୍ଚାୟତ ଅଫିସର ସୁକାନ୍ତ ପ୍ରଧାନ, ଜିଆରଏସ ଭାଗବତ ଜେନା, ଏବଂ ବର୍ଷିଆନ ସାମ୍ୟବାଦୀ ନେତା କୈଳାଶ ଚନ୍ଦ୍ର ପଣ୍ଡା ମଞ୍ଚାସିନ ରହି ଉଦବୋଧନ ଦେଇଛନ୍ତି। ଏହି ସଭାରେ ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ମିଶନ ଶକ୍ତି ର ମହିଳା ଇ.ସି ମେମ୍ବର ସି.ଆର.ପି ଏମ.ବି.କେ, ବ୍ୟାଙ୍କ ମିତ୍ର ଙ୍କ ସହିତ ସହସ୍ରାଧିକ ପୁରୁଷ ମହିଳା ଉପସ୍ଥିତ ରହିଥିବା ବେଳେ ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ବିଗତ ୨ ବର୍ଷ ର ଉନ୍ନତିମୂଳକ ଯୋଜନା ର ପଞ୍ଚାୟତ ପୁସ୍ତିକା କୈଳାଶ ଚନ୍ଦ୍ର ପଣ୍ଡା ଙ୍କ କର କମଳ ରେ ଶୁଭ ଉନ୍ମୋଚନ କରାଯାଇଛି। ସରପଞ୍ଚ ପୁରୁଷୋତ୍ତମ ସେଠି ବିଭିନ୍ନ ଗ୍ରାମ ରୁ ପ୍ରସ୍ତାବିତ ଉନ୍ନତି ମୂଳକ ଯୋଜନା ର ଚିଠା ସର୍ବସାଧାରଣ କରିଥିଲେ। ଶେଷ ପର୍ଯ୍ୟାୟ ରେ ବିଭିନ୍ନ ସ୍କୁଲ ଏବଂ ଅନୁଷ୍ଠାନ ମାନଙ୍କରୁ ଆସିଥିବା ପିଲା ମାନଙ୍କ ଦ୍ୱାରା ଗୀତ ନାଚର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା।

## 'ସ୍ରଷ୍ଟା'ର ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ



**ବାଲେଶ୍ୱର, ୧୯।୨(ସମିସ):** ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା'ର ୪୬ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟା ତଥା ଧୁରନ୍ଧର ବିଶ୍ୱାଳ ସ୍ମୃତି ସନ୍ଧ୍ୟାକୁ ଜିଲ୍ଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. ସୁବାସ ଚନ୍ଦ୍ର ପାତ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ଆଲୋକ କୁମାର ସାହୁ ସ୍ୱାଗତ ଭାଷଣ ରଖିଥିବା ବେଳେ ସାଧାରଣ ସମ୍ପାଦକ ହେମେନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ନାଟ୍ୟକାର ଓ ନିର୍ଦ୍ଦେଶକ ଶିଶିର ପ୍ରମାଣିକଙ୍କୁ 'ଧୁରନ୍ଧର ବିଶ୍ୱାଳ ସ୍ମୃତି ସମ୍ମାନ' ଓ ସୁରଞ୍ଜନ ଦାସମହାପାତ୍ରଙ୍କୁ 'ବିଦ୍ୟୁତଲତା ସାହାଣୀ ସ୍ମୃତି ସମ୍ମାନ' ଏବଂ ଶିଶୁ ପ୍ରତିଭା ତଥା ଶିଶୁ କଳାକାର ଶ୍ରୀୟାଂଶୀ ମଲ୍ଲିକଙ୍କୁ 'ସ୍ରଷ୍ଟା ଶିଶୁ ପ୍ରତିଭା ପୁରସ୍କାର'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମନା ପରିଡ଼ା ଓ ବ୍ରହ୍ମନାଥ ରଥ ମଞ୍ଚ ପରିଚାଳନା କରିଥିଲେ। ବ୍ୟାସକବି ଫକୀରମୋହନ ସେନାପତିଙ୍କ ମୂଳ କବିତାକୁ ହେମେନ୍ଦ୍ର ମହାପାତ୍ର ନାଟ୍ୟରୂପ ଓ ନିର୍ଦ୍ଦେଶନା ଦେଇଥିବା ସ୍ରଷ୍ଟା ପ୍ରଯୋଜିତ ନାଟକ 'ମୁଁ ହାଟ ବାହୁଡ଼ା' ମଞ୍ଚସ୍ଥ ହୋଇଥିଲା। ଏହାକୁ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରାୟୋଜିତ କରିଥିଲେ। ବହୁ ଦର୍ଶକ ଉପସ୍ଥିତ ରହି ନାଟକ ଦେଖିଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ନାଟକ ମହୋତ୍ସବ ଚାଲିବ। ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ୨୦୨୪ର ଅନୁଷ୍ଠାନର ଅନ୍ୟତମ ସଦସ୍ୟ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତିରେ ସମର୍ପିତ କରାଯାଇଛି। ଅନୁଷ୍ଠାନର ଅନ୍ୟ ସଦସ୍ୟ, ସଦସ୍ୟମାନେ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଗୁଡ଼ି ସିଟି ସ୍କୁଲର ପ୍ରାକ୍ତନ ଶିକ୍ଷକଙ୍କ ପରଲୋକରେ ଶୋକ

**ସୋର, ୧୯।୨(ସମିସ):** ସୋର ବ୍ଲକ ବାଗୁଡ଼ି ସରକାରୀ ପ୍ରାରମ୍ଭିକ ଶିକ୍ଷକ ତାଲିମ ପ୍ରତିଷ୍ଠାନର ପୂର୍ବତନ ଶିକ୍ଷକ ଭାଗବତ ପାଣିଗ୍ରାହୀଙ୍କ ପରଲୋକରେ ପ୍ରତିଷ୍ଠାନର ଅଧ୍ୟକ୍ଷ, ପୁରାତନ ଛାତ୍ର ସଂସଦ ଏବଂ ପୂର୍ବତନ ଶିକ୍ଷକମାନଙ୍କ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଗତ ଶନିବାର ଅପରାହ୍ଣରେ ତାଙ୍କର ଚକରାଇପୁର ବାସଭବନରେ ୮୬ବର୍ଷ ବୟସରେ ପରଲୋକ ହୋଇଯାଇଥିଲା। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବାଗୁଡ଼ି ସରକାରୀ ପ୍ରାରମ୍ଭିକ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀ ଏବଂ ପୁରାତନ ଛାତ୍ର ସଂସଦ ସଦସ୍ୟ ତାଙ୍କର ପ୍ରିୟଛାତ୍ର ଦେବେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ବହୁ ବରେଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ। ଆଜି ସିଟିସ୍କୁଲର ପୂର୍ବତନ କଳାଶିକ୍ଷକ ତଥା ସ୍ୱର୍ଗତ ପାଣିଗ୍ରାହୀଙ୍କର ସହକର୍ମୀ ଶିଳ୍ପୀ ରାଜବଲ୍ଲଭ ସାହୁ ସଭାପତିତ୍ୱରେ ସୋର କଳାଘର ପରିସରରେ ଏକ ଶୋକସଭା ଆୟୋଜିତ ହୋଇସ୍ୱର୍ଗତ ପାଣିଗ୍ରାହୀଙ୍କ ଆଦର୍ଶ ଜୀବନ ଉପରେ ସ୍ମୃତିଚାରଣ କରାଯାଇଥିଲା। ସେ ୧୯୫୮ ମସିହାରେ ବଡ଼ମ୍ବା ନରସିଂହପୁର ସରକାରୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟଆରମ୍ଭ କରି ପରେ ତୁଡ଼ିଗଡ଼ିଆ ସିଟିସ୍କୁଲ, ବାଲେଶ୍ୱର ଜିଲାସ୍କୁଲ, ବାଗୁଡ଼ି ସିଟି ସ୍କୁଲ, ବାଘାଯତୀନ ହାଇସ୍କୁଲ ପରେ ସତ୍ୟାନନ୍ଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଧର୍ମପରାୟଣ ମିଷ୍ଟଭାଷୀ, ପରୋପକାରୀ, ଛାତ୍ରବତ୍ସଳ, ସତ୍ୟବାଦୀ ଏବଂ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିବା ସହିତ ନିଗମାନନ୍ଦ ସରସ୍ୱତୀ ଦେବଙ୍କର ନିଷ୍ଠାପର ଭକ୍ତ ଭାବେ ଜିଲା ସଂଘର ସଭାପତି ଥାଇ କାର୍ଯ୍ୟ ତୁଲାଇଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ



**ବାଲେଶ୍ୱର, ୧୯।୨(ସମିସ):** ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୬ ନମ୍ବର ୱାର୍ଡରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ସୋମବାର ଦିନ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ୱାର୍ଡର ପିଜୁରୁଦ୍ଦିନ ଲେନ ଓ ଉଷାମେଡ଼ ଲେନରେ ୧୮ ଲକ୍ଷ ୩୬ହଜାର ଟଙ୍କା ବ୍ୟୟରେ ଦୁଇଟି ଅଙ୍ଗନବାଡି କେନ୍ଦ୍ର, ରହିମଙ୍କ ଘର ଠାରୁ ମନସୁରଙ୍କ ଘର ପର୍ଯ୍ୟନ୍ତ ପେଭର ବ୍ଲକ ରାସ୍ତା, ଉର୍ଦ୍ଧୁ ବିଦ୍ୟାଳୟ ଠାରୁ ମଡିଆ ଘର ଓ ପ୍ରୁଫ ରୋଡ଼ରୁ ରାଜନ ଘର ପର୍ଯ୍ୟନ୍ତ ପେଭର ବ୍ଲକ ରାସ୍ତା ଉଦଘାଟନ ଏବଂ ମଡିଆ ଘର ଠାରୁ ୧ନମ୍ବର ମୌଜା ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନିର୍ମାଣର ଶିଳା ନ୍ୟାସ ବିଧାୟକ କରିଛନ୍ତି। ସେହିପରି ୪.୩୧ଲକ୍ଷ ଟଙ୍କା ବ୍ୟୟରେ ଏକ ଓପନ ଜିମର ଶିଳାନ୍ୟାସ ମଧ୍ୟ ବିଧାୟକଙ୍କ ଦ୍ୱାରା ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଇସ ଚେୟାରମ୍ୟାନ କୈଳାଶ ସେଠୀ, କାଉନସିଲର କବିତା ମୁର୍ମୁ, ମନୋଜ ରାଉତ, ପୂର୍ବତନ ଆସମା ବିବି, ଶେଖ ଭାନୁ, ଶେଖ ଆଲାମ, ଶେଖ ଇସଲାମ, ଶେଖ କାଫୋ, ଶେଖ ରାଜୁ, ଅଶୋକ ଆଢ୍ୟ, ଶେଖ ସଲିମ, ଶେଖ ସବୀର, ଶେଖ ଅର୍ଜୁନ, ଶେଖ ସମସେର, ଶେଖ ଅଲତାଫ, ଶେଖ କୁର୍ବାନ, ଶେଖ ବିଟୁ, କାଉନସିଲର ମୀରାଜ ବାନୋ, ମିନା ମହାନ୍ତି, ମିତା ପଟ୍ଟନାୟକ, ସବିତା ଦାସ, ଧିରେନ ନାୟକ, ସବିତା ଦାସ, ଅଶୋକ ଦାସ, ଶେଖ ମୁନ୍ନା, ଶେଖ ବୁଲବୁଲ, ଶେଖ ପାନ୍ନା, ଶେଖ ବାବୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୩ଜଣଙ୍କୁ ଟାଏକ୍ୱୋଣ୍ଡୋ ପ୍ରମାଣପତ୍ର

**ବାଲେଶ୍ୱର, ୧୯ ।୨(ସମିସ):** ବାଲେଶ୍ୱରରେ ଟାଏକ୍ୱୋଣ୍ଡୋରେ ବ୍ଲାକ ବେଲଟ ପାଇବା ପାଇଁ ସର୍ବଭାରତୀୟ ସ୍ତରରେ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷାରେ ବାଲେଶ୍ୱର ତିନିଜଣଙ୍କୁ ପ୍ରମାଣପତ୍ର ମିଳିଛି। ସେମାନେ ହେଲେ ରଶ୍ମୀପ୍ରଭା ସାହୁ, ଅନନ୍ତ ନାରାୟଣ ଦୀକ୍ଷିତ ଏବଂ ସ୍ୱର୍ଯ୍ୟକାନ୍ତ ଭୋଇ। ଏମାନେ ସାଉଥକୋରିଆ ସ୍ଥିତ କୁକୁଓନ ଠାରେ ଥିବା ସର୍ବଭାରତୀୟ ସ୍ତରର ମୁଖ୍ୟ ଟାଏକ୍ୱୋଣ୍ଡୋ କାର୍ଯ୍ୟାଳୟ ପକ୍ଷରୁ ଏମାନଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଖେଳାଳୀମାନେ ଏବେ ବ୍ଲାକ ବେଲଟର ଅଧିକାରୀ ହୋଇପାରିଛନ୍ତି। ଏପରିକି ରଶ୍ମୀ ସର୍ବଭାରତୀୟ ସ୍ତରରେ ଖେଳି ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ଏମାନଙ୍କ ସହ ତାଙ୍କ କୋଚ ତଥା ଟାଏକ୍ୱୋଣ୍ଡୋ ଆସୋସିଏସନର ଜିଲ୍ଲା ସମ୍ପାଦକ ଅତାବୁଲ୍ଲା ଖାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳାଳୀମାନଙ୍କୁ ଆଜି ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନେ ଆଗକୁ ଏଭଳି ଉତମ ପ୍ରଦର୍ଶନ ଜାରି ରଖନ୍ତୁ ବୋଲି କହିଛନ୍ତି।



## ବାଲିଆପାଳ ବ୍ଲକ: ୧୮ କେନ୍ଦ୍ରରେ ୩୨୫୩ ପରୀକ୍ଷାର୍ଥୀ

ବାଲିଆପାଳ, ୧୯।୨(ସମିସ)

ଚଳିତ ବର୍ଷ ବାଲିଆପାଳ ବ୍ଲକର ୪୦ଟି ଉଚ୍ଚ ବିଦ୍ୟାଳୟର ମ୍ୟାଟ୍ରିକ ରେଗୁଲାର ପରୀକ୍ଷାରେ ୩୦୬୨ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ଏଥିପାଇଁ ୧୮ଟି ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ ହୋଇରହିଛି। ଏହା ସହିତ ମାଧ୍ୟମ ପରୀକ୍ଷାର୍ଥୀଙ୍କ ପାଇଁ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୧୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ପ୍ରଶ୍ନପତ୍ର, ଉତ୍ତର ଖାତା ଏବଂ ଓଏମଆର ସିଟ ସୁରକ୍ଷିତ ଭାବରେ ରଖିବା, ନିର୍ଦ୍ଦିଷ୍ଟ ସମୟରେ ସେ ଗୁଡିକ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ଏବଂ ସେଠାରୁ ଉତ୍ତର ଖାତା ସୁରକ୍ଷିତ ଭାବରେ ଆଣି ରଖିବା ପାଇଁ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଂଟର କରାଯାଇଛି। ନୋଡାଲ ସେଂଟର ପାଇଁ ୨୪ ଘଣ୍ଟିଆ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ବ୍ଲକର ୧୮ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିଆପାଳ ପରୀକ୍ଷା କେନ୍ଦ୍ରରେ ୧୭୫ ଜଣ ପରୀକ୍ଷାର୍ଥୀ, ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୧୦ ଜଣ ପରୀକ୍ଷାର୍ଥୀ, ଗଦାଧର ଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ସୁନାରୁଇ କେନ୍ଦ୍ର ୧୧୫ ଜଣ ପରୀକ୍ଷାର୍ଥୀ, ବିସି ନୋଡାଲ ଉଚ୍ଚ ବିଦ୍ୟାଳୟ କଷା'ଳ କେନ୍ଦ୍ରରେ ୧୫୮ ଜଣ ପରୀକ୍ଷାର୍ଥୀ, ଡାଙ୍ଗରପଦା ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୬୩ ଜଣ ପରୀକ୍ଷାର୍ଥୀ, କେବି ଉଚ୍ଚ ବିଦ୍ୟାଳୟ ତାପୁଣ୍ଡିଆ କେନ୍ଦ୍ରରେ ୯୩ ଜଣ ପରୀକ୍ଷାର୍ଥୀ, କାଳିଚରଣ ଉଚ୍ଚ ବିଦ୍ୟାଳୟ ଶ୍ରୀରାମପୁର କେନ୍ଦ୍ରରେ ୧୩୩ ଜଣ ପରୀକ୍ଷାର୍ଥୀ, ଶ୍ରୀହରି ଚରଣ ଉଚ୍ଚ ବିଦ୍ୟାଳୟ ଦେଭୋଗ କେନ୍ଦ୍ରରେ ୨୮୦ ଜଣ ପରୀକ୍ଷାର୍ଥୀ, ଉଦୟ ନାରାୟଣ ଉଚ୍ଚ ବିଦ୍ୟାଳୟ ହାସିମପୁର କେନ୍ଦ୍ରରେ ୧୧୯ ଜଣ ପରୀକ୍ଷାର୍ଥୀ, ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ବୋଙ୍ଗ କେନ୍ଦ୍ରରେ ୨୦୮ ଜଣ ପରୀକ୍ଷାର୍ଥୀ, ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟ ଜଗାଇ କେନ୍ଦ୍ରରେ ୨୭୩ ଜଣ ପରୀକ୍ଷାର୍ଥୀ, ନୃସିଂହ ଚରଣ ଉଚ୍ଚ ବିଦ୍ୟାଳୟ କରଞ୍ଜି କେନ୍ଦ୍ରରେ ୧୩୪ ଜଣ ପରୀକ୍ଷାର୍ଥୀ, ପୁରୁଷୋତମ ଉଚ୍ଚ ବିଦ୍ୟାଳୟ ରତାଇ କେନ୍ଦ୍ରରେ ୧୮୭ ଜଣ ପରୀକ୍ଷାର୍ଥୀ, ହରପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟ ପଞ୍ଚୁପାଲି କେନ୍ଦ୍ରରେ ୧୫୫ ଜଣ, କୀର୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନାରାୟଣପୁର କେନ୍ଦ୍ରରେ ୧୧୩ ଜଣ ପରୀକ୍ଷାର୍ଥି, ରାମପ୍ରସାଦ ଉଚ୍ଚ ବିଦ୍ୟାଳୟ ଚଉମୁଖ କେନ୍ଦ୍ରରେ ୧୩୩ ଜଣ ପରୀକ୍ଷାର୍ଥୀ, ନିଶାମଣୀ ଉଚ୍ଚ ବିଦ୍ୟାଳୟ ପ୍ରତାପପୁର କେନ୍ଦ୍ରରେ ୧୪୨ ଜଣ ପରୀକ୍ଷାର୍ଥୀ, ଶଚୀନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ ଲଙ୍ଗଳେଶ୍ୱର କେନ୍ଦ୍ରରେ ୧୭୧ ଜଣ ପରୀକ୍ଷାର୍ଥୀ ଆଜି ପରୀକ୍ଷା ଦେବାକୁ ଥିବା ବେଳେ ପରୀକ୍ଷା କେନ୍ଦ୍ର ଗୁଡିକ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପରୀକ୍ଷାର୍ଥୀମାନଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରି ରହିଛି। ସେହିପରି ମଧ୍ୟମା ପରୀକ୍ଷା ପାଇଁ ବ୍ଲକରେ ୩ଟି ପରୀକ୍ଷା କେନ୍ଦ୍ର ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିଆପାଳ, ଶଚୀନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ ଲଙ୍ଗଳେଶ୍ୱର, କୁଞ୍ଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବାଲିଆପାଳ ବ୍ଲକ ନୋଡାଲ ଅଧିକାରୀ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ଉ ବେଳେ ଥାନା ଅଧିକାରୀଙ୍କୁ ଆକ୍ରମଣ

**ଚନ୍ଦନେଶ୍ୱର, ୧୯।୨(ସମିସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ତାଳସାରି ମେରାଇନ ଥାନାର ମହିଳା ଆଇଆଇସିଙ୍କୁ ରବିବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ ସହିତ ଅଟକ ରଖି ଅସଦାଚରଣ ହୋଇଥିବା ଜଣାପଡ଼ିଛି। ଭିତର ପଟୁ ବନ୍ଦ କରି ଡ୍ରେସକୁ ଛିଣ୍ଡାଇ ନିର୍ଯାତନା ଦେଇଥିଲେ। ଖବର ପାଇ ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ ସାହୁ, କମର୍ଦ୍ଦା ଥାନା ପୁଲିସ, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ସଦଳ ବଳେ ସେଠାରେ ପହଞ୍ଚି ଶ୍ରୀମତୀ ସୋରେନଙ୍କୁ ଦୋକାନ ଗୃହ ଭିତରୁ ଉଦ୍ଧାର କରିଥିଲେ। ଖବର

## ୨ ମହିଳାଙ୍କ ସମେତ ୧୫ ଗିରଫ

ଜୁଆ ଖେଳ ଓ ଦୋକାନ ବନ୍ଦ କରିବାକୁ ଚେତାବନୀ ଦେବାରୁ ଉତ୍ତ୍ୟକ୍ତ ହୋଇ ଜୈନିକ ଦୋକାନୀଙ୍କ ପରିବାର ଲୋକେ ତାଳସାରି ମେରାଇନ ଥାନା କନେଷ୍ଟବଳ ଅମିତ ପାଲ ଓ ଡ୍ରାଇଭର ସୁଧାଂଶୁ ମହାନ୍ତିଙ୍କୁ ପିଟାମରା କରିବା ସହିତ ଆଇଆଇସି ଚମ୍ପାବତୀ ସୋରେନ ଓ ଏଏସଆଇ ପିଥ ହେମ୍ବ୍ରମଙ୍କୁ ଏକ ଦୋକାନ ଘରେ ପୁରାଇ ପାଇ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ, ଏସପି ସାଗରିକା ନାଥ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ରାତିତମାମ ଚଢ଼ଉ କରି ଏହି ଘଟଣାରେ ପୁଲିସ ଉକ୍ତ ଗ୍ରାମର ୨୦ରୁ ଅଧିକ ଲୋକଙ୍କୁ ଘରୁ ଶୋଇଥିବା ଅବସ୍ଥାରେ ଉଠାଇ ଆଣି ଭୋଗରାଇ ଥାନାରେ ଅଟକ ରଖିଥିବା ବେଳେ ଏ



ନେଇ ତାଳସାରି ମେରାଇନ ଥାନା କେସ ନଂ ୨୦/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନିଖିଲ ବେହେରା,ଅମୂଲ୍ୟ ବେହେରା,ରଞ୍ଜିତ ବେହେରା,କିଶୋର ବେହେରା,ଆନନ୍ଦ ବେହେରା, ଅଭିମନ୍ୟୁ ବେହେରା,ସତ୍ୟରଞ୍ଜନ ପଟ୍ଟାୟତ, ଭରତ ବେହେରା, ବଣିଆ ବେହେରା, ଐର ବେହେରା, ପ୍ରମୋଦ ବେହେରା, ହନୁ ବେହେରା, କୁନା ବେହେରା, ଗାନ୍ଧାରୀ ବେହେରା, ଡଲି ବେହେରା ପ୍ରମୁଖ ସମୁଦାୟ ୧୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇନାହିଁ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ବିଗତ ଦିନରେ ଉଦୟପୁର-ତାଳସାରି ବେଳାଭୂମିରେ ବେଆଇନ ମଦ, ଗଞ୍ଜେଇ, ବ୍ରାଉନ ସୁଗର ଭଳି ମାରାତ୍ମକ ନିଶା ଓ ରୂପଜିବୀଙ୍କ ଅନୈତିକ ଅସାମାଜିକ କାରବାରକୁ ପୁଲିସ ପ୍ରୋତ୍ସାହନ ଦେଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେବେ ଏସପି ସାଗରିକା ନାଥ, ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ ଏବଂ ମେରାଇନ ଥାନା ଆଇଆଇସି ଶ୍ରୀମତି ସୋରେନ ଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଏହି ଅସାମାଜିକ କାର୍ଯ୍ୟକଳାପ ବନ୍ଦ ହୋଇଥିଲା। ଏବେ ପୁଣି ଲୁଚାଛପାରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ଆରମ୍ଭ ହୋଇଥିବା ଜଣାପଡିଛି। ଏହାକୁ ନେଇ ପୁଲିସର ଧରପଗଡ ଫଳରେ ଏଭଳି ପରିସ୍ଥିତି ଉପୁଜିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ସହିତ ଉଦୟପୁର ଓ ତାଳସାରି ବେଳାଭୂମିରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଭୋଗରାଇ ବିଧାୟକ ଅସୁସ୍ଥ



**ଚନ୍ଦନେଶ୍ୱର,୧୯।୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଜେଡିର ପୁରୁଖା ନେତା ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ, ବିଧାୟକ ଅନନ୍ତ ଦାସ ରବିବାର ସନ୍ଧ୍ୟାରେ ଅସୁସ୍ଥ ହୋଇ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ତାଙ୍କ ଛାତିରେ ଯନ୍ତ୍ରଣା ଜନିତ କାରଣରୁ ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ସେଠାରେ କିଛି ସମୟ ଆଇସିୟୁରେ ରଖାଯାଇଥିଲେ ହେଁ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ନ ହେବାରୁ ମଧ୍ୟରାତି ପାଖାପାଖି ୨ଟାରେ ତାଙ୍କୁ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏବେ ବିଧାୟକ ଅନନ୍ତ ଦାସଙ୍କ ସ୍ୱାସ୍ଥ୍ୟଅବସ୍ଥାର ସୁଧାର ଆସିଥିବା ସୂଚନା ମିଳିଛି।

# ବନ୍ଧୁକ ଦେଖାଇ ଗହଣା ଦୋକାନୀଙ୍କଠାରୁ ୭ ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍

**ଜଳେଶ୍ୱର ବ୍ଲକ, ୧୯।୨ (ସମିସ):** ବନ୍ଧୁକ ଦେଖାଇ ଗହଣା ଦୋକାନୀ ଠାରୁ ୭ ଲକ୍ଷ ଟଙ୍କାରୁ ଅଧିକ ସୁନା ଓ ରୂପା ଗହଣା ଲୁଟ ହୋଇଛି। ଏକ ପଲସର ବାଇକରେ ୩ ଜଣ ଯୁବକ ଆସି ବନ୍ଧୁକ ଦେଖାଇ ବାଇକର ଡିକି ଭାଙ୍ଗି ଓ ବ୍ୟାଗ ଛଡାଇ ନେଇଯାଇ ଥିବା ଅଭିଯୋଗ ପରେ ଖବର ପାଇ ଜଳେଶ୍ୱର ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଜଳେଶ୍ୱର ଥାନା ପାଟଣା ନୂଆଗାଁ ର ଚନ୍ଦନ ରଣା ପ୍ରତି ଦିନ ଭଳି ରବିବାର ରାତି ୯ଟା ସମୟରେ ବଳରାମପୁର ଛକଠାରେ ଥିବା ନିଜର ଗହଣା ଦୋକାନ ବନ୍ଦ କରି ଏକ ବ୍ୟାଗରେ ସୁନା ଓ ରୂପା ଗହଣା ଭର୍ତ୍ତି ବ୍ୟାଗଟି ଗାଡ଼ିର ଡିକିରେ ରଖି ବାଇକ ଯୋଗେ ଘରକୁ ଫେରୁଥିଲେ। ନୁଆଗାଁ ଠାରେ ପଛ ପଟୁ ଏକ ପଲସର ବାଇକରେ ୩ ଜଣ ଯୁବକ ଆସି ଚନ୍ଦନଙ୍କ ଗାଡି ଅଟକାଇ ଥିଲେ। ସେମାନେ ଚନ୍ଦନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗାଡିର ଡିକି ଭାଙ୍ଗି ସୁନା ରୂପା ଗହଣା ଲୁଟି ନେଇଥିଲେ। ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ୭ ଲକ୍ଷରୁ ଅଧିକ ଟଙ୍କାର ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ।

# ଡଗରପଡ଼ା ବିବେକ ଭାରତୀ ସେବାଶ୍ରମର ରୌପ୍ୟଜୟନ୍ତୀ

## ସରଳ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସତ୍ତା ଅନୁଭବ କରିହେବ



ଖଇରା, ୧୯।୨ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଡଗରପଡାସ୍ଥିତ ବିବେକଭାରତୀ ସେବାଶ୍ରମର ରୋପ୍ୟଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଆଶ୍ରମର ପ୍ରତିଷ୍ଠାତା ସମ୍ପାଦକ ସ୍ୱାମୀ ଗଣେଷାନନ୍ଦ ପୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭୁବନେଶ୍ୱର ରାମକୃଷ୍ଣ ମିଶନର ବିବେକପ୍ରଭା ପତ୍ରିକା ପ୍ରକାଶନର ମୁଖ୍ୟ ଅଦ୍ୱୟାନନ୍ଦ ମୁଖ୍ୟଅତିଥି ମୁମ୍ବାଇସ୍ଥିତ ସ୍ୱାମୀ ବିବେକାନନ୍ଦ ଯୋଗକେନ୍ଦ୍ରର ପ୍ରତିଷ୍ଠାତା ରାଜେନ୍ଦ୍ର କୁମାର ପଢିହାରୀ ଯୋଗ ଦେଇ ସରଳ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରାଯାଇପାରିବ ବୋଲି କହିଥିଲେ। ଭଦ୍ରକ ଜିଲ୍ଲା କୁଠାର ଆଶ୍ରମର ସ୍ୱାମୀ ପରମେଶ୍ୱର ମହାରାଜ ବିବେକାନନ୍ଦ ଜୀବନାଦର୍ଶ ଉପରେ ଆଲୋକପାତ କରିବା ଅବସରରେ ଯୁବ ଓ ଛାତ୍ର ଗୋଷ୍ଠୀ ଜାତୀୟତାଭାବନା ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଜୟ କୁମାର ପ୍ରଧାନ, ଜିତେନ୍ଦ୍ର ରାଉତ, ସରୋଜ ପଣ୍ଡା, ଉପେନ୍ଦ୍ର ପ୍ରସାଦ ଦାସ, ଅକ୍ଷୟ ଦାସ, ରବିନ୍ଦ୍ର ମହାନ୍ତି, ଗୋପବନ୍ଧୁ ଗିରିଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ଯୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ରୋଯାଇଥିଲା।

# ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ତହସିଲ ଘେରଉ

**ବଳରାମପୁର,୧୯।୨ (ସମିସ) :** ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ସମୁଦ୍ର ଉପକୂଳ ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଣ୍ଟ ସହିତ ହସ୍କରା ରୁ ଚଉମୁଖ ଯାଏ ୧୨୦୦ ମିଟର ରୁ ୧୫୦୦ ମିଟର ଚଉଡାରେ ବନ୍ଦର ଭିତ୍ତିକ ଶିଳ୍ପ କରିଡ଼ର ନିର୍ମାଣକୁ ବିରୋଧ କରି ସୋମବାର ବାଲିଆପାଳ ତହସିଲ ଘେରାଉ କରଯାଇଥିଲା। ସମୁଦ୍ର ଉପକୂଳ ଦକ୍ଷିଣ ବାଲିଆପାଳର ୬ପଞ୍ଚାୟତର ଶହ ଶହ ମହିଳା ପୁରୁଷ ଖଗଡ଼ାପାଳ ଶିବ ମନ୍ଦିରଠାରୁ ଏକ ବିରାଟ ଶୋଭାଯାତ୍ରା ରେ ବାହାରି ଜଗନ୍ନାଥ ମନ୍ଦିର, ସିମୁଳିଆ ମାର୍କେଟ, ବ୍ଲକ ଛକ, ପାରୁଳିଆ ଛକ, ଜାମକୁଣ୍ଡା ଛକ ଦେଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡ ରେ ପହଞ୍ଚି ଥିଲା। ଉକ୍ତ ବସ ଷ୍ଟାଣ୍ଡ ଠାରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ବିଜନ ନାୟକ,ସିପିଆଇଏମ ର ଜିଲ୍ଲା ସାଧାରଣ ସମ୍ପାଦକ ଶିଶିର ହୁଇ, ଗଣତାନ୍ତ୍ରିକ ମହିଳା ସାମୁଖ୍ୟ ଜିଲ୍ଲା ସାଧାରଣ ସମ୍ପାଦିକା ସ୍ନେହଲତା ପଣ୍ଡା,ସିପି ଆଇ ଏମ ନେତା ରାଜୀବ ପଣ୍ଡା , ଜିଲ୍ଲା କଂଗ୍ରେସ ମୁଖ ପାତ୍ର ଓ ସାଧାରଣ ସମ୍ପାଦକ ସୁଧାଂଶୁ ଜେନା, ଜିଲ୍ଲା କିଷାନ କଂଗ୍ରେସ ସଭାପତି ଜୟନ୍ତ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ



ଦେହୁରୀ, କଂଗ୍ରେସ ନେତା ରାବି ନାରାୟଣ ମହାନ୍ତି ଯୋଗା ଦେଇ ସମୁଦ୍ର ଉପକୂଳ ରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଣ୍ଟ ବିରୋଧରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଉପସ୍ଥିତ ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ତୀର୍ଥ କୁମାର ନାଗ, ସୁବାସ ନାୟକ, ବେଣୁ ରଣଜିତ, ପ୍ରଶାନ୍ତ ଦାସ, ମୃତ୍ୟୁଞ୍ଜୟ ରାଉତ, ମାୟାଧର କୁହ୍ଲାରୀ, ହରପ୍ରସାଦ ମାହାନ୍ତି, ବିଜୟ ନାୟକ,ହରେକୃଷ୍ଣ ସେନାପତି, ହୃଷୀକେଶ ପଣ୍ଡା, ସେକ ଅଞ୍ଜନ, ତ୍ରିଲୋଚନ ବେହେରା, ପ୍ରଦୀପ ସାମନ୍ତରାୟ, ପଞ୍ଚାନନ ଜେନା, ଧନଞ୍ଜୟ ଗିରି, ଜୟକୃଷ୍ଣ ଜେନାଙ୍କ ସହିତ ଉପସ୍ଥିତ ସମସ୍ତ ମହିଳା ପୁରୁଷ ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଭିଟାମାଟି ଛାଡ଼ିବେ ନାହିଁ ବୋଲି ଶପଥ ନେଇଥିଲେ। ସଭା ଶେଷରେ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି କୃଷିଭିତ୍ତିକ ଶିଳ୍ପର ବ୍ୟାପକ ପ୍ରସାର, ଚିନିକଳ, ଝୋଟକଳ,ତେଲ କଳ, କାଜୁ ପ୍ରସେସିଂ ପ୍ଲାଣ୍ଟ , ନଡିଆକତା ଶିଳ୍ପ , ସରକାରୀ ଶୀତଳ ଭଣ୍ଡାର ନିର୍ମାଣ, ଝରିଆ ପେପର ମିଲ, ଶ୍ରୀ ଗୋପୀନାଥ ସ୍ପିନୀଙ୍ଗ ମିଲ କୁ ପୁନର ଉଦ୍ଧାର କରିବା ସହିତ ୧୧ ଦଫାର ଏକ ଦାବିପତ୍ର ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବାଲେଶ୍ୱର,୧୯।୨(ସମିସ):** ଖମଟଣା ୟୁଜିୟୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲିଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସଭା(ବିଦାୟକାଳୀନ) ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଗୌରାଙ୍ଗ ପଢିଆରୀ ଓ ସୋନାଲିସା ଦତ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସଭାରେ ପ୍ରଦୀପ କୁମାର ମିଶ୍ର, ବାଣୀ ନିର୍ମାଲ୍ୟ ବିଶ୍ୱାଳ, ଅଲେଖ ଚନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ପାଢୀ, ବିଶ୍ୱନାଥ ପ୍ରଧାନ, ଅକ୍ଷୟ ରାୟ, ହରିଶ ବେହେରା, ପଦ୍ମାବତୀ ଜେନା, ଭଗୀରଥ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସ, ହରିଶଙ୍କର ଜେନା, ମନୋରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସତ୍ୟଭାମା ମୁଦୁଲିଙ୍କ କର୍ତ୍ତବ୍ୟ ନିଷ୍ଠା, କୃତିତ୍ୱ ଓ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏବିଇଓ ବଳରାମ ନାୟକ, ଶିକ୍ଷାବିତ ଡଃ. ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ, ବିକର୍ତ୍ତନ ନାୟକ, ମୁରଲୀଧର ନାୟକ, ସରପଞ୍ଚ ଝରଣା ମହାନ୍ତି, ସିଆରସିସି ଜୟନ୍ତୀ ଦାସଙ୍କ ସମେତ ସମସ୍ତ ସିଆରସିସି ପ୍ରମୁଖ କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ସହ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୋରୀ ରାଣୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ଅବକାରୀ ଚଢ଼ଉ: ୧୦୫ ଲିଟର ମଦ ଜବତ, ୪ ଗିରଫ

ରୂପସା, ୧୯।୨ (ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଓ ଭ୍ରାମ୍ୟମାଣ ଅବକାରୀ ସ୍କ୍ୱାର୍ଡ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ବସ୍ତା ଅବକାରୀ ବିଭାଗ ପକ୍ଷରୁ ସିଂଲା ଥାନା ଅଧୀନସ୍ଥ ସାର୍ଥା ପଞ୍ଚାୟତର ସାର୍ଥା ବଜାର ଓ ସାର୍ଥା ଗ୍ରାମରେ ଚଡାଉ କରାଯାଇ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ ସହ ଚାରିଜଣଙ୍କୁ ଗିରଫ କରି ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସାର୍ଥା ଗ୍ରାମର ଶଶିକାନ୍ତ ବେହେରା(୬୪), ଦମୟନ୍ତୀ ପାତ୍ର(୬୦),ଅମୂଲ୍ୟ ରଣା(୬୦) ଓ ଚକସାର୍ଥା ଗ୍ରାମର ରଣଜିତ୍ ସାମନ୍ତ(୪୦)। ଚଡାଉ ସମୟରେ ଅଭିଯୁକ୍ତ ମାନଙ୍କ ନିକଟରୁ ସର୍ବମୋଟ ୧୦୦ ଲିଟର ଦେଶୀମଦ ଓ ୫.୪୦୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯକ୍ତଙ୍କ ବିରୁଦ୍ଧରେ ଚାରୋଟି ପୃଥକ ପୃଥକ ମାମଲା ରୁଜୁ ହୋଇ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।ଉକ୍ତ ଚଡାଉରେ ବସ୍ତା ଅବକାରୀ ଉପ ନିରୀକ୍ଷକ ଭକ୍ତଚରଣ ସ୍ୱାଇଁ, ମୋବାଇଲ ସ୍କ୍ୱାର୍ଡ ଏ ଏସ ଆଇ ମଙ୍ଗଳ କୁମାଲ ସିଂ, ଏଏସ ଆଇ ବାବାଜୀ ପଣ୍ଡିତ, ମିନତି ପରିଡ଼ା, ସୁନାରାମ ସୋରେନ ଓ ପଙ୍କଜ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ବାଲିକୁଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଳରାମପୁର, ୧୯।୨ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ବାଲିକୁଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୀ ଉତ୍ସବ ଓ ପୁରସ୍କାର ବିତରଣ ଆଜି ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସପନ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତା ଆଦିତ୍ୟ ରାଉତ ମଞ୍ଚକୁ ପରିଚାଳନା କରିଥିଲେ । ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଆରସିସି ଆରତୀ ଭୂୟାଁ, ସମ୍ମାନିତ ଅତିଥି ଏବିଇଓ ନମିତା ପ୍ରଭା ସାମଲ, ମୀନାରାଣୀ ସାହୁ, ଲଙ୍ଗଳେଶ୍ୱର କ୍ଲଷ୍ଟର ସିଆରସିସି ସୁଶାନ୍ତ ରାଉତ, ପୂର୍ବତନ ସିଆରସିସି ଚିତ୍ତରଞ୍ଜନ ସାହୁ, ବାଲିକୁଟି ପଞ୍ଚାୟତ ସରପଞ୍ଚ ଯଶୋଦା ମଣି ଧଳ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଧଳ, ଦେବେନ୍ଦ୍ର ଗିରି,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟନ୍ତ କୁମାର ବାରିକ, ଆଲୁମିନି କମିଟି ସଭାପତି ସନାତନ ପାତ୍ର, କମିଟି ସଦସ୍ୟ ଅଜୟ ଜେନା, ଗୁଣାକର ଦାସ, ଅକ୍ଷୟ ଦାସ ମହାପାତ୍ର,



ସବିତା ଗିରି, କବିତା ବାରିକ, ଅର୍ଣ୍ଣପୂର୍ଣ୍ଣା ଦାସ, ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇ ଶୃଙ୍ଖଳା ଓ ସଂସ୍କାର ଶିଖିଲେ ଛାତ୍ରଛାତ୍ରୀ ମାନେ ବଡ଼ ମଣିଷ ହୋଇପାରିବେ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ସପନ ମାରାଣ୍ଡି ସ୍କୁଲର ଆରମ୍ଭ ଠାରୁ ଆଜି ପ୍ରଯ୍ୟନ୍ତ ଏହି ସ୍କୁଲ ରୁ ଅବସର ନେଇଥିବା ଶିକ୍ଷକ, ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ, ବର୍ତ୍ତମାନର ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ବିଷୟରେ ଆଲୋଚନା କରିବା ପରେ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ର ଶିକ୍ଷକ ଦେବେନ୍ଦ୍ର ଜେନା, ଜଳଧର ଦଳାଇ, ଜଗନ୍ନାଥ ବେହେରା, ପୁଷ୍ପଲତା ଜେନା, ଶୁଚିସ୍ମିତା ଦେ, ଜୟନ୍ତୀ ଦାସ, ମିନତୀ ମହାନ୍ତି,ରଞ୍ଜନ କୁମାର ସେନାପତିଙ୍କ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରାଇଥିଲେ । ସନାତନ ପାତ୍ର, ସୁରତ ବାରିକ, ନିତ୍ୟାନନ୍ଦ ଦାସ, ବଂଶୀଧର ନାୟକ ଆଦି ଙ୍କ ଉପସ୍ଥିତି ସ୍କୁଲ କମିଟିକୁ ଖୁସି କରାଇଥିଲା । କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗୀତ, ନୃତ୍ୟ ଓ ନାଟକ ପରିବେଷଣ କରାଯାଇଥିଲା। ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା।

# ଅହିରାଜ ସାପ ଉଦ୍ଧାର

**ଔପଦା, ୧୯।୨(ସମିସ):** ଗାଁରୁ ହଟିଲା ଅହିରାଜ ଆତଙ୍କ। ଦୀର୍ଘ ଦିନ ଧରି ସନ୍ଧ୍ୟା ନଇଁଲେ ଅହିରାଜ ଗର୍ଜନ ଭୟଭୀତ ହୋଇ ପଡ଼ିଥିଲେ ଲୋକେ। ଔପଦା ଥାନା ତଳକିଆ ପଞ୍ଚାୟତ ଟଂପୁର ଗ୍ରାମର ଅନନ୍ତ ଦାଶଙ୍କ ବାଡ଼ି ପୋଖରୀ ନିକଟରେ ବାଡ଼ରେ ଘେରା ହୋଇଥିବା ଜାଲ ରେ ୧୦ ଫୁଟ ଲମ୍ବର ଏକ ଅହିରାଜ ସାପ ଛନ୍ଦି ହୋଇ ରହିଥିଲା। ଆଜି ସକାଳେ ଏହାକୁ ଦେଖି ପରିବାର ଲୋକେ ଔପଦା ବନ ବିଭାଗ ଓ ସ୍ନେକ ହେଲ୍ପ ଲାଇନ କୁ ଖବର ଦେଇଥିଲେ। ଖବର ପାଇ ଭଦ୍ରକରୁ ମିର୍ଜା ମହମଦ ଆରିଫ ଓ ଗୌରାଙ୍ଗ ବାରିକ ପହଁଚି ଅହିରାଜକୁ ଉଦ୍ଧାର କରିଥିଲେ। ପରେ ପରେ



ଔପଦା ବନ ବିଭାଗ ଔପଦା ରେଞ୍ଜର ମନୋରଞ୍ଜନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟ ଗାର୍ଡ ଜୟଲକ୍ଷ୍ମୀ ପୁହାଣ ସଦଳ ବଳେ ଘଟଣା ସ୍ଥଳରେ ପହଁଚି ଉଦ୍ଧାର ଅହିରାଜକୁ କୁଲଡ଼ିଆ ଅଭୟାରଣ୍ୟରେ ଛାଡି ଥିବାର ଜଣାଯାଇଛି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ଜଳେଶ୍ୱର ବ୍ଲକ, ୧୯।୨ (ସମିସ):** ଜଳେଶ୍ୱର ତହସିଲରେ କାର୍ଯ୍ୟରତ ରେଭେନ୍ୟୁ ସୁପରଭାଇଜର, ଆରଆଇ, ଏଆରଆଇ ମାନଙ୍କର ୬ ଦଫା ଦାବି ନେଇ ତହସିଲ ସମ୍ମୁଖରେ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆ ଯାଇଛି। ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାର ଭୂ- ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ରାଜ୍ୟର ୩୧୭ ତହସିଲ ସମ୍ମୁଖରେ ସମସ୍ତ ରେଭେନ୍ୟୁ ସୁପରଭାଇଜର, ଆରଆଇ ଓ ଏଆରଆଇ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରା ଯିବାର ନିଷ୍ପତି ନିଆ ଯାଇ ଶାନ୍ତିପୂର୍ଣ୍ଣ ଧାରଣା ଦିଆ ଯାଇଛି ବୋଲି ରାଜ୍ୟ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଆଖତର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଥିବା ବେଳେ ଜଳେଶ୍ୱର ସଂଘ ପକ୍ଷରୁ ରେଭେନ୍ୟୁ ପରିଦର୍ଶକ ଶୁଭଶ୍ରୀ ସାମଲ, ଆରଆଇ ସରୋଜ କୁମାର ଭଞ୍ଜ, ଶରତ କୁମାର ସେଠୀ, ସୃଷ୍ଟିଧର ପଟ୍ଟାୟତ, ଆରଆଇ ବିମଳ ସୋରେନ, ରଞ୍ଜନ କୁମାର ପାଣି, ନିଶିକାନ୍ତ ସିଂହ, ଅଞ୍ଜଳି ଟୁଡୁ, ପ୍ରଭୂରାମ କାସ୍ତ ଓ ଦେବାଞ୍ଜନ ମହାନ୍ତି, ଏଆରଆଇ ସ୍ମୃତିସୁଧା ବେହେରା, ନିରଞ୍ଜନ ଜେନା, ନିରଞ୍ଜନ ସିଂହ ଓ ଅନୁରାଧା ମଲ୍ଲିକ ପ୍ରମୁଖ ଧାରଣାରେ ବସିଥିଲେ।

# ‘୫- ଜ’କୁ ନେଇ ସଚେତନତାମୂଳକ ନାଟକ ପରିବେଷଣ

**ବାଲେଶ୍ୱର,୧୯।୨(ସମିସ)**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜସେବା ବିଭାଗ ତରଫରୁ ମୟୂରଭଞ୍ଜ ଜିଲ୍ଲାର ଶରତ ବ୍ଲକର ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ସହ ଦଶଦିନିଆ ଗ୍ରାମୀଣ ଶିବିର ଶେଷ ହୋଇଯାଇଛି। ଏହାର ଉଦଯାପନୀ ଉତ୍ସବରେ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା "୫-ଜ" ଯାହା ଜଙ୍ଗଲ, ଜମି, ଜନ୍ତୁ, ଜଳ ଓ ଜୀବନ ତଥା ଆଦିବାସୀଙ୍କ ପରିଚୟ ସୃଷ୍ଟି ବିଷୟ ଆଧାରିତ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା। ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଉକ୍ତ ନାଟକର ସଂଳାପ ଲେଖନ ଓ ନିର୍ଦ୍ଦେଶନା ଦେଇଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ବାର୍ତ୍ତାରେ ଅନୁପ୍ରାଣିତ ଛାତ୍ରଛାତ୍ରୀମାନେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସାମ୍ପ୍ରଦାୟିକ ଗୋଷ୍ଠୀଙ୍କ ସହ ଉତ୍ସବ ଆଦି ପାଳନ କରିଥିଲେ। ଏହି ଦଶଦିନିଆ ଗ୍ରାମୀଣ ଶିବିରରେ ଅନେକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଶରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା




ବାଳିକା ଆଶ୍ରମରେ ମାସିକ ଋତୁସ୍ରାବକୁ ନେଇ ଏକ ସଚେତନତାମୂଳକ ନାଟକ ପ୍ରଦର୍ଶନ କରିଥିଲେ। ହୋ, କୋଲହ, ଲୁଧା, ସାନ୍ତାଳି ଆଦିବାସୀଙ୍କ ଜୀବନଯାପନ ପ୍ରଣାଳୀ, ସଂସ୍କୃତି, ପରମ୍ପରା ଆଦି ସଂପର୍କିତ ତଥ୍ୟଗୁଡିକୁ ପି.ଆର୍.ଏ ଏକ୍ସରସାଇଜ୍ ମାଧ୍ୟମରେ ସଂଗ୍ରହ କରାଯାଇଥିଲା। ବାଲ୍ୟ ବିବାହ ପ୍ରଥାର ବିରୋଧ, ଶିକ୍ଷାର ଅଧିକାର, ସ୍ୱାସ୍ଥ୍ୟର ଯତ୍ନ, ଅନ୍ଧବିଶ୍ୱାସ ଦୂରୀକରଣ ଆଦି ପ୍ରସଙ୍ଗ ନେଇ ୫ଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଏହି ସାମାଜିକ ସଚେତନତାର ପ୍ରଚେଷ୍ଟାକୁ ରାସଗୋବିନ୍ଦପୁର, ଅନ୍ତ୍ୟୋଦୟ ଚେତନା ମଣ୍ଡଳ ( ଏ.ସି.ଏମ) ର ସଂପାଦକ ଆଦିତ୍ୟ ପଟ୍ଟନାୟକ ପ୍ରଶଂସା ବ୍ୟକ୍ତ କରିବା ସହ ଏ.ସି.ଏମ ଅନୁଷ୍ଠାନ ପରିଦର୍ଶନର ସୁଯୋଗ ପ୍ରଦାନ କରିଥିଲେ। ସେଠାରେ ସଂପାଦକ ଆଦିତ୍ୟ ପଟ୍ଟନାୟକ, ନିର୍ଦ୍ଦେଶକ ସୁମିତ ପଟ୍ଟନାୟକ ଓ ଗୁରୁକୂଳ ବିଦ୍ୟାଳୟର ଅଧ୍ୟକ୍ଷ ଗୀତା ପଟ୍ଟନାୟକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ତଥା ଶିକ୍ଷାର ବିସ୍ତାରିତ ସ୍ତରକୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଷ୍ପାଦନ କରିବାର ପ୍ରୟାସକୁ ଅନେକ ସମ୍ମାନ ଦେବାସହ ଛାତ୍ରଛାତ୍ରୀଙ୍କୁ ସମାଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଅବଗତ ତଥା ଏକ ଶପଥପାଠ କରାଇଥିଲେ। ଉଦଯାପନୀ ଉତ୍ସବରେ ପିତାମ୍ବର ସାହୁ, ଡକ୍ଟର ଭଗବାନ ପଣ୍ଡା, ତୁରାମ ସିଂ, ଆଦିବାସୀ ଯୁବନେତା ବାଗୁନ୍ ସିଂ ଆଦି ଉପସ୍ଥିତ ହୋଇ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହିପ୍ରକାର କାର୍ଯ୍ୟକ୍ରମର ପ୍ରଶଂସାଗାନ କରିଥିଲେ। ସମାଜ ସେବା ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଏହି କାର୍ଯ୍ୟକ୍ରମର ସମସ୍ତ ଶ୍ରେୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରିବା ସହ ଧନ୍ୟବାଦ ଓ ଶିବିରର ସଫଳ ରୂପାୟନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଜଳେଶ୍ୱର ବ୍ଲକ, ୧୯।୨ (ସମିସ): ଜଳେଶ୍ୱର ଜମାଲପୁର ସଙ୍କରଣା ପୋଖରୀ ସନ୍ନିକଟ ବଡ଼ ପୋଲ ନିକଟରେ ରାସ୍ତାର ବିଲ ମଝିରେ ବଣରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତ ଦେହ ଉଦ୍ଧାର ହୋଇଛି । ସୂଚନାରୁ ଜଣା ପଡ଼ିଛି, ମାଳଗଡ଼ିଆ ଗ୍ରାମର ଦୂର୍ଗା ହାଁସଦାଙ୍କ ଝିଅ ବୁଦ୍ଧି ମାରାଣ୍ଡି ଡାକନାମ ଥୁଲିକୁ ବସ୍ତା ବ୍ଲକର ଧିତିପୁରା ଗ୍ରାମର ଅର୍ଜୁନ ମାରାଣ୍ଡି ଙ୍କୁ ବିବାହ ଦିଆ ଯାଇଥିଲା । ଥୁଲିର ମା ଓ ଭାଇ ନ ଥିବା ବେଳେ ସେ ଓ ସ୍ୱାମୀ ଅର୍ଜୁନ ପିଲାଙ୍କ ସହ ମାଳଗଡ଼ିଆ ସ୍ଥିତ ବାପା ଘରେ ରହି ବାପାଙ୍କ ସେବା କରୁଥିଲେ । ତାଙ୍କର ୧ ଜଣ ପୁଅ ଥିବା ବେଳେ ୩ ଜଣ ଝିଅ ଅଛନ୍ତି । ଗତ ୩ ଦିନ ପୂର୍ବରୁ ଥୁଲି ଘରୁ କେଉଁ ଆଡ଼େ ଚାଲି ଯାଇଥିଲେ । ବାପା ଦୁର୍ଗା ଓ ସ୍ୱାମୀ ଅର୍ଜୁନ ତାଙ୍କ ନିଜ ଘର ଧିତିପୁରା ଓ ବନ୍ଧୁବାନ୍ଧବରେ ଖୋଜାଖୋଜି କରି ମଧ୍ୟ ତାକୁ ପାଇ ନ ଥିଲେ । ସୋମବାର ସକାଳ ୬ଟା ୩୦ ମିନିଟ ସମୟରେ ନିଜ ବାପ ଘର ମାଳଗଡ଼ିଆ ରାସ୍ତାରେ ଥୁଲି ଆସୁ ଥିବାର ଲୋକେ ଦେଖିଥିଲେ । ମାତ୍ର ଘରକୁ ନ ଆସି ନିଜ ପିନ୍ଧା ଶାଢ଼ୀ ଛିଣ୍ଡି ଏକ ପଟାସ୍ ଗଛରେ ଫାଶି ହୋଇ ଯାଇଥିଲେ । ଜମିରେ ଚାଷ କରୁଥିବା ଲୋକେ ଦେଖି ଦୌଡ଼ି ଆସିଲା ବେଳକୁ ଥୁଲି ର ମୃତ୍ୟୁ ହୋଇ ଯାଇଥିଲା । ସଙ୍ଗେ ସଙ୍ଗେ ଜଳେଶ୍ୱର ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ଜଣା ପଡ଼ିଛି । ମାତ୍ର ମୃତ୍ୟୁ ର କାରଣ ଜଣା ପଡ଼ି ନ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟ ଘଟଣା ଜଣା ପଡ଼ିବ ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିରି ଉଦ୍‌ଯାପିତ



ଖଇରା, ୧୯ ।୨ (ସମିସ): ଖଇରା ବ୍ଲକ ଅଧୀନ ଗରସଙ୍ଗ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୬ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଅଧ୍ୟାପକ ମନିନ୍ଦ୍ର କୁମାର ଦୀକ୍ଷିତ, କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଅଧ୍ୟାପକ ରୁଦ୍ରକୁମାର କର, ସହ ପରିଚାଳକ ବସନ୍ତ କୁମାର ବାରିକ, ତାଲିମଦାତ୍ରୀ ଅର୍ଚ୍ଚନା ଜେନା ଉପସ୍ଥିତ ରହି ଉକ୍ତ ଶିବିର ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣ ନେଇଥିବା ୧୫୪ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

## ନୁରୁପୁର ଖଲାସି ମହଲା ବସ୍ତି କମିଟିର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୯।୨ (ସମିସ): ସହରର ନୁରୁପୁର ଖଲାସି ମହଲା ବସ୍ତି କମିଟିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଆଇନଜୀବୀ କରୁଣାକର ରଥ, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର, କାଉନସିଲର ରଞ୍ଜିତା ମହାପାତ୍ର ଓ ଅନିନ୍ଦ୍ୟ ପଣ୍ଡା, ପୂର୍ବତନ ପୌରାଧକ୍ଷା ସୁଜାତା ଦାସ, ବ୍ଲୁମି ବଡ ସ୍କୁଲର ଅଧକ୍ଷା ବନ୍ଦନା ବରାଳ, ଜନତ ହୋସେନ, ଆଶ୍ରିତା ତରେଇ, ପ୍ରତିମା ପଣ୍ଡା ଏଥିରେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୁରପୁର ବସ୍ତି କମିଟିର ସମାଜସେବା ମୂଳକ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଏହି କମିଟି ଦ୍ୱାରା ନୁରୁପୁର ଅଞ୍ଚଳର ପ୍ରତ୍ୟେକ ବର୍ଗ ଲୋକେ ଉପକୃତ ହେଉଥିବାବେଳେ ସମସ୍ତେ ଶାନ୍ତି ଶୃଙ୍ଖଳାର ରହିବା ବେଶ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ କମିଟିର ସଭାପତି ଲମ୍ବୋଦର ପ୍ରଧାନ ସଭାପତିତ୍ୱ କରିବା ସହିତ ନୁରୁପୁର ବସ୍ତି କମିଟି ଗଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ପାଦକ ମହମ୍ମଦ ଇସଲାମ ସମ୍ପାଦକୀୟ ବିବରଣୀ ପାଠ ସହିତ ସଂଗଠନର ବିଭିନ୍ନ ସମାଜ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉପସଭାପତି ମଦନ ସାହୁ ଧନ୍ୟବାଦ ଦେଇଥିଲେ । ରାଜେନ୍ଦ୍ର ସାହୁ, ଶିଶିର ବେହେରା, ଦିଲବର ଅଲ୍ଲୀ ଖାଁ, ପ୍ରଫୁଲ୍ଲ ବେହେରା, ବୃନ୍ଦାବନ ବେହେରା, ଲଳିତା ତାଳଦି, ସକିଲା ବାନୋ, ନିଶାମଣି ପ୍ରଧାନ, ବନୀତା ବାରିକ, ଅଫସାନା ଫିରଦୋଶ, ମୀନତୀ ସାହୁ, ଜ୍ୟୋସ୍ନାରାଣୀ ପାତ୍ର, ସସ୍ମିତା ରଣା, ସଙ୍ଗୀତା ମଣ୍ଡଳ, ରଣଜିତ ରଣା, ଶେଖ ମନସୁର, ଶେଖ ଆଲାମ ପ୍ରମୁଖ କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଠିକାଦାର କରୁନି କାର୍ଯ୍ୟ

# ପାଣି ପାଇଁ ବିଡିଓଙ୍କୁ ଭେଟିଲେ ଶତାଧିକ ମହିଳା

ବସ୍ତା ବ୍ଲକ, ୧୯।୨ (ସମିସ)



ଗ୍ରୀଷ୍ମ ନ ଆସୁଣୁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଜଳ ସଂକଟ ଘନେଇବାରେ ଲାଗିଲାଣି । ଓଡ଼ିଶା ସରକାର ଘର ଘର କୁ ପାଇବା ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକାଦାର ଙ୍କ ମନମୁଖୀ କାର୍ଯ୍ୟ ପାଇଁ ଲୋକେ ପାଇବା ପାଣି ପାଇବାରୁ ବଞ୍ଚିତ ହେଉଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ କୁଣ୍ଡେଇ ଗ୍ରାମରେ ।

ବୋରିଂ ସରିଥିବା ବେଳେ ପାଣି ଟାଙ୍କୀ ସହ ପାଇପ ବିଛାଇବା ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି । ଇତି ମଧ୍ୟରେ କାର୍ଯ୍ୟ କରିବାର ଅବଧି ସରିଥିବା ବେଳେ କାମ ଆରମ୍ଭ ହୋଇ ନାହିଁ । ଅଳ୍ପ କିଛି ପାଇପ୍ ପକାଇ ଠିକାଦାର କାମ ବନ୍ଦ ରଖିଛି । କାର୍ଯ୍ୟ ର ଫଳକ ନାହିଁ । ଦରଡା ପଞ୍ଚାୟତ ର ୧୧ ନମ୍ବର ୱାର୍ଡ ହେଉଛି କୁଣ୍ଡେଇ ଗ୍ରାମ । ଏହି ୱାର୍ଡରେ ଲୋକସଂଖ୍ୟା ୧୬୦୦ରୁ ଅଧିକ । ଏ ନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସୋମବାର ଗ୍ରାମର ଶତାଧିକ ମହିଳା ବସ୍ତା ବ୍ଲକରେ ପହଞ୍ଚି ବିଡିଓ ମୋହିନୀ କୁମାର ନାୟକଙ୍କୁ ସାକ୍ଷାତ କରି ତୁରନ୍ତ କାର୍ଯ୍ୟ କରିବାକୁ ଦାବି କରିଥିଲେ । ଖବର ପାଇ ବସ୍ତା ବିଜେପି ନେତା ରବୀନ୍ଦ୍ର କୁମାର ଜୈନ, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଫର୍ଣାଲ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଦତ୍ତ ପହଞ୍ଚି ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଲୋକେ କିପରି ଜଳ କଷ୍ଟ ରୁ ବର୍ତ୍ତିବେ ସେ ନେଇ ଆଲୋଚନା କରିଥଲେ । ଅଭିଯୋଗ ପାଇ ବିଡିଓ ସ୍ଥିତି ଅନୁଧ୍ୟାନ କରିବା ସହ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଅଲେଖ ସିଂହ, ଗୌରାଙ୍ଗ ବେହେରା, ରାଧା ମଣି ସିଂହ, ପୁଷ୍ପଲତା ସିଂହ, ସସ୍ମିତା ପରିଡ଼ା, ବିନତି ତରେଇ, ମମତା ଜେନା, ରାଧା ମଣି ସାହୁ, ପ୍ରମିଳା ପରିଡ଼ା, ରୁବି ଲତା ଗିରି ଙ୍କ ସମେତ ମହିଳା ମାନେ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ୧୫ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନ କରାଯିବ ବୋଲି ମହିଳା ମାନେ ଚେତାବନୀ ଦେଇଛନ୍ତି ।

## ଚୂଡ଼ାକରଣ ସୋମବାର; ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଭକ୍ତଙ୍କ ଭିଡ଼

ଚନ୍ଦନେଶ୍ୱର, ୧୯।୨(ସମିସ): ପୂର୍ବ ଭାରତର ପ୍ରସିଦ୍ଧ ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱର ଶୈବପୀଠରେ ଆଜି ଶହଶ୍ରାଧିକ ମାନସିକଧାରୀ ମଣ୍ଡିତ ହେବା ଦେଖିବାକୁ ମିଳିଛି । ଏଥି ସହିତ ଓଡ଼ିଶା, ପଶ୍ଚିମ ବଙ୍ଗ ତଥା ବିଭିନ୍ନ ପ୍ରଦେଶରୁ ଶ୍ରଦ୍ଧାଳୁ ମାନଙ୍କର ଭିଡ ଜମାଇଥିବା । କିନ୍ତୁ ମଣ୍ଡନ ପୋଖରୀର ଚାରିପଟେ ଗାର୍ଡୱାଲ ସମେତ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଭକ୍ତ ମାନେ ମଣ୍ଡିତ ହୋଇ ଉକ୍ତ ପୋଖରୀରେ ଥିବା ପାଣି ବୋଟଲରେ ଆଣି ଛିଞ୍ଚନ କରି ମନ୍ଦିର ପରିସର ମଧ୍ୟସ୍ଥ ନୀଳ ପୋଖରୀରେ ସ୍ନାନ କରୁଥିବା ଦେଖିବାକୁ ମିଳିଛି । ସେଥିପାଇଁ ସେବାୟତ ଓ ପୂଜାପଣ୍ଡା ମାନେ ଲାଇନ କରାଇ ଭିତରକୁ ପଠାଇଥିଲେ । ତଥାପି ପଶ୍ଚିମ ବଙ୍ଗ ଅଞ୍ଚଳର କିଛି ଭକ୍ତ ଗାଡି ଚଳାଚଳ ବ୍ୟାଘାତ ପାଇଁ ଡେରିରେ ମନ୍ଦିର ନିକଟରେ ଆସି ମଣ୍ଡିତ ହେବା ଦେଖିବାକୁ ମିଳିଥିଲା । ମନ୍ଦିରର ମୌରସୀ ତପନ କୁମାର ପଣ୍ଡା ଓ ବୁଦ୍ଧଦେବ ପଣ୍ଡାଙ୍କ ସହଯୋଗ କ୍ରମେ ସେବାୟତ ମାନେ ଶୃଙ୍ଖଳା ରକ୍ଷା ସମେତ ଭକ୍ତଙ୍କ ମାନସିକ ପୂରଣ ସକାସେ ପୂଜାର୍ଚ୍ଚନାରେ ସହାୟତା କରିଥିଲେ ।

## ସିମୁଳିଆ ବ୍ଲକର ୯ଟି କେନ୍ଦ୍ରରେ ୧୬୬୪ ପରୀକ୍ଷାର୍ଥୀ

ସିମୁଳିଆ, ୧୯।୨(ସମିସ): ସିମୁଳିଆ ବ୍ଲକରେ ଏଥର ମାଟ୍ରିକ ପରୀକ୍ଷାପାଇଁ ୯ଟି ପରୀକ୍ଷାକେନ୍ଦ୍ରରେ ୧୬୬୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ୯ଟି ପରୀକ୍ଷା କେନ୍ଦ୍ରକୁ ସୁପରିଚାଳନା କରିବା ପାଇଁ ମାର୍କୋଣା ରଘୁନାରାୟଣ ହାଇସ୍କୁଲ ହେଉଛି ନୋଡାଲ ସେଣ୍ଟର । ନୋଡାଲ ସେଣ୍ଟରର ଷ୍ଟ୍ରଙ୍ଗରୁମରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଯାଇଛି ପ୍ରଶ୍ନପତ୍ର । ଚଳିତ ବର୍ଷ ଶିକ୍ଷା ବିଭାଗର ଭାବମୂର୍ତ୍ତିକୁ ଅକ୍ଷୁର୍ଣ୍ଣରଖିବା ପାଇଁସମସ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନେ ସ୍ୱଚ୍ଛତାର ସହିତ ପରୀକ୍ଷା ପରିଚାଳନା କରିବା ପାଇଁ ନୋଡାଲ ଅଫିସର ପ୍ରଣତି ମହାନ୍ତି ସୂଚନା ଦେଇଛନ୍ତି । ସ୍ଥାନୀୟ ବ୍ଲକରେ ଥିବା ୨୫ଟି ହାଇସ୍କୁଲର ପରୀକ୍ଷାର୍ଥୀଙ୍କୁ ୯ଟି ପରୀକ୍ଷା କେନ୍ଦ୍ରବ୍ୟବସ୍ଥା କରାଯାଇଛି । ଏଥ ମଧ୍ୟରୁ ନୋଡାଲ ସେଣ୍ଟର ରଘୁନାରାୟଣ ହାଇସ୍କୁଲରେ ୨୩୪ଜଣ ଓ ମଧ୍ୟମା ନିମନ୍ତେ ୬୩ଜଣ ପରୀକ୍ଷାର୍ଥୀ ଦେଉଥିବାବେଳେ ଦାମୋଦର ହାଇସ୍କୁଲ ଜାମୁଝାଡିରେ ୧୪୭ଜଣ, ଭାରତସେବାନିଧି ମଇତାପୁରରେ ୨୭୧ଜଣ, ଉପେନ୍ଦ୍ରନାଥ ଏକାଡେମୀ ହାଇସ୍କୁଲ କ୍ଷୀରକୋଣା ହାଇସ୍କୁଲରେ ୧୧୧ଜଣ, ବରି ନୋଡାଲ ସ୍କୁଲରେ ୧୩୨ଜଣ, ବାଲିଖଣ୍ଡ ହାଇସ୍କୁଲରେ ୨୨୨ଜଣ, ଦଶଭୂଜା ହାଇସ୍କୁଲ କନ୍ହେଇବିନ୍ଧାରେ ୧୫୫ଜଣ କାଞ୍ଚନକମଳା ହାଇସ୍କୁଲ ରାମକୃଷ୍ଣପୁରରେ ୧୫୭ଜଣ ଏବଂ ମହମ୍ମଦପୁର ହାଇସ୍କୁଲ କେନ୍ଦ୍ରରେ୧୭୨ ଜଣ ମିଶି ମୋଟ ସ୍ଥାନୀୟ ବ୍ଲକରେ ୧୬୬୪ଜଣ ପରୀକ୍ଷାର୍ଥୀ ଥିବାର ସୂଚନା ମିଳିଛି । ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚି ସାରିଥିବାରୁ ନୋଡାଲ ଅଫିସର ପ୍ରଶ୍ନ ପତ୍ରକୁ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖିଛନ୍ତି ଏବଂ ଏହିରୁମକୁ ୩ଜଣ ସିପାହୀ ଓ ଜଣେ ହାବିଲଦାର ଜଗିରହିଛନ୍ତି । ସେହିପରି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଭାବେ ପ୍ରଣତି ମହାନ୍ତି, ଡେସପାଚ ଦାୟିତ୍ୱରେ ସନ୍ତୋଷ କୁମାର ନାୟକ, ଜୀବନକାନ୍ତ ଭୂୟାଁ, କୁମୁଦ ବନ୍ଧୁ ନାୟକ ଓ ନରେନ୍ଦ୍ର ପ୍ରସାଦ ବେହେରା ଥିବାର ମଧ୍ୟ ସୂଚନା ମିଳିଛି ।

## ଇନୋଭେଟିଭ୍ କ୍ଲାସ୍ ତରଫରୁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବାଲେଶ୍ୱର, ୧୯।୨ (ସମିସ): ବାଲେଶ୍ୱର ସହରସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇନୋଭେଟିଭ କ୍ଲାସ ତରଫରୁ ୨୦୨୨-୨୪ ଶିକ୍ଷା ବର୍ଷର ଅଧ୍ୟୟନରତ ନବାଗତ ସ୍ନାତକ ଶିକ୍ଷକ ତାଲିମ ନେଉଥିବା (ବିଏଡ) ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ କୁରୁଡାସ୍ଥିତ ସ୍ୱସ୍ତି ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ୩୫୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ତର୍କ, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଶେଷ କରି ମି.ଶ୍ରେଷ୍ଠ ନବାଗତ ଓ ନବାଗତା ଚୟନ କରାଯାଇଥିଲା । ମି. ନବାଗତ ଭାବରେ ବଜ୍ରଜିତ ବିଶ୍ୱାଳ ଓ ନବାଗତା ଭାବରେ ମିସ୍ ସ୍ନିଗ୍ଧା ସୁରଭି ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ଜ୍ୟୋତି ପ୍ରକାଶ ମହାପତ୍ର, ମୁଖ୍ୟଅତିଥି ଭାବରେ ଅନୁଷ୍ଠାନର ନିର୍ଦ୍ଦେଶକ ତରୁଣ ପଣ୍ଡା ଯୋଗ ଦେଇ କଠିନ ଅଧ୍ୟବସାୟ ଓ ପ୍ରତିବଦ୍ଧତା ସେମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ସଫଳ ଶିକ୍ଷକ ଭାବରେ ଗଢି ତୋଳିବ ବୋଲି କହିଥିଲେ । ଛାତ୍ର ଅଭିଷେକ କରଙ୍କ ସମେତ ୨୦୨୨-୨୪ ଶିକ୍ଷାବର୍ଷର ସମସ୍ତ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଦସ୍ୟ ରାଜୀବ ପଣ୍ଡା, ବିକ୍ରାନ୍ତ କେଶରୀ ସାମଲ, ହେମନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରିବାରିକ କଳହରୁ ବିଷପିଇ ଯୁବକର ଆତ୍ମହତ୍ୟା

ଭୋଗରାଇ, ୧୯।୨ (ସମିସ) : ବାହାର ରାଜ୍ୟରେ ଥିବା ପତ୍ନୀଙ୍କ ସହିତ ମନୋମାଳିନ୍ୟ କାରଣରୁ ଗାଁରେ ରହୁଥିବା ଯୁବକ ବିଷ ପିଇ ଆତ୍ମହତ୍ୟା କରିବା ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ଭୋଗରାଇ ଥାନା ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ମୁତାବକ, ଭୋଗରାଇ ଥାନା ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ହେଲିପ୍ୟାଡ ପଡ଼ିଆରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ରାମଚନ୍ଦ୍ର ଖିଲାରଙ୍କ ପୁଅ ସୃଷ୍ଟିଧର ଖିଲାର (୨୭) ଗାଁରେ ରହୁଥିଲା ବେଳେ ତାଙ୍କ ପତ୍ନୀ ଦିଲ୍ଲୀରେ ରହି କାମ କରନ୍ତି । ଉଭୟଙ୍କ ୩ ପୁଅ ଗାଁରେ ବାପା ଓ ଜେଜେ ମା'ଙ୍କ ପାଖରେ ରହୁଥିଲେ । କୌଣସି ଏକ ଘଟଣାକୁ କେନ୍ଦ୍ରକରି ଗତ ଶନିବାର ସୃଷ୍ଟିଧର ଏବଂ ତାଙ୍କ ପତ୍ନୀଙ୍କ ମଧ୍ୟରେ ମୋବାଇଲ ଫୋନରେ ପାଟିତୁଣ୍ଡ ହୋଇଥିଲା । ଏହାକୁ କେନ୍ଦ୍ର କରି ମାନସିକ ଭାରସାମ୍ୟ ହରାଇ ସୃଷ୍ଟିଧର ରବିବାର ସନ୍ଧ୍ୟାରେ ପରିବାର ଲୋକଙ୍କ ଅଜାଣତରେ ମଦ ସହିତ କୀଟନାଶକ ଔଷଧ ପିଇ ଦେଇଥିଲେ । ରାତିରେ ଏ ଘଟଣା ଜଣାପଡ଼ିବା ବେଳକୁ ସେ ଚେତାଶୂନ୍ୟ ଅବସ୍ଥାରେ ଥିଲେ । ଖବର ପାଇ ପଡ଼ୋଶୀ ଲୋକେ ତାଙ୍କୁ ସ୍ଥାନୀୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସୋମବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ସିମୁଳିଆରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର



ସିମୁଳିଆ, ୧୯।୨(ସମିସ): ସିମୁଳିଆ ବ୍ଲକର ବିଭିନ୍ନ ସ୍ଥାନରେ ଆମ ଓଡ଼ିଶା, ନବୀନ ଓଡଶା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତର ବାଲିଖଣ୍ଡ ବାସନ୍ତୀ ପଡ଼ିଆଠାରେ ସରପଞ୍ଚ କାମିନୀଲତା ସେଠୀଙ୍କ ସଭାପତିତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହିତ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କିତ ଏକ ପତ୍ରିକା ଉନ୍ମୋଚନ କରିଥିଲେ । ପଞ୍ଚାୟତ ପି.ଇ.ଓ ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିବାବେଳେ ସରପଞ୍ଚ ପ୍ରତିନିଧି ଶରତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଭଲ ଶିକ୍ଷାବିତ, ବରିଷ୍ଠ ନାଗରିକ, ଚାଷୀ, ଅଙ୍ଗନବାଡି କର୍ମୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଅତିଥିଙ୍କ ଦ୍ୱାରା ସଂମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କନ୍ହେଇବିନ୍ଧା ସରପଞ୍ଚ ମଞ୍ଜୁଲତା ସେଠୀଙ୍କ ସଭାପତିତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମହାରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ସୌଦାମିନୀ ଜେନା, ପି.ଇ.ଓ ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କୋଳି ଚାଷକରି ସ୍ୱାବଲମ୍ବୀ ହେଲେ ୩ ବନ୍ଧୁ

ଜଳେଶ୍ୱର ବ୍ଲକ, ୧୯।୨ (ସମିସ)



ବିଭିନ୍ନ ପ୍ରଜାତିର କୋଳି ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ୩ ଜଣ ବନ୍ଧୁ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତସ୍ଥିତ ରାୟାଁସାହିର ସୁଦର୍ଶନ ସାହୁ, କଟି ନାରାୟଣ ଟୁଡୁ ଓ ଲକ୍ଷ୍ମଣ ଟୁଡୁ ପ୍ରମୁଖ ୩ ଚାଷୀ ୟୁଟ୍ୟୁବ ଦେଖି କୋଳି ଚାଷ ବାବଦରେ ଅବଗତ ହେବା ସହିତ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ମୋବାଇଲ ନମ୍ବର ସଂଗ୍ରହ କରି ପଶ୍ଚିମବଙ୍ଗ ସ୍ଥିତ ୨୪ ପ୍ରଗଣା ଜିଲ୍ଲା ବନଗାଁଓ ଅଞ୍ଚଳକୁ ଯାଇ ସେଠାରେ ଏକ ନର୍ସରୀ ରୁ ୬୦୦ କୋଳି ଚାରା ଆଣିଥିଲେ । ସୁବର୍ଣ୍ଣରେଖା ନଦୀ ତଟରେ ୨ ଏକର ୩୭ ଡିସିମିଲ ଜମି ଅନ୍ୟ ଠାରୁ ୭ ବର୍ଷ ପାଇଁ ଲିଜରେ ଆଣି ଉକ୍ତ ଜମିରେ ଭାରତ ସୁନ୍ଦରୀ (ମିସ ଇଣ୍ଡିଆ), ଆପେଲ ବେରୀ, ଗ୍ରୀନ ବେରୀ ଓ କାଶ୍ମୀର ଆପେଲ୍ ବେରୀ ୪ ପ୍ରକାର କୋଳି ଗଛ ଲଗାଇ ପ୍ରଥମ ବର୍ଷ ୬ମାସରେ ପାଖା ପାଖି ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଗଛ ଲଗାଇବା ପରେ କେବଳ ପାଣି ବ୍ୟତୀତ ଆଉ କିଛି ଖର୍ଚ୍ଚ ନାହିଁ । ବାଡ଼ କରିବା ସହିତ ମାଙ୍କଡ ଦାଉରୁ ରକ୍ଷା ପାଇବା ପାଇଁ ଜଣେ ଜଗାଳି ଆବଶ୍ୟକ ଅଟେ । ଖର୍ଚ୍ଚ ଠାରୁ ଦୁଇଗୁଣ ରୋଜଗାର ହୋଇଛି ବୋଲି ୩ ବନ୍ଧୁ ପ୍ରକାଶ କରିବା ସହ ଦ୍ୱିତୀୟ ବର୍ଷ ଠାରୁ ଆଉ ଅଧିକ ଖର୍ଚ୍ଚ ହେବନି ବୋଲି କହିଥିଲେ ।

ମୋନଙ୍କ କହିବା କଥା ଆଜିର ଦିନରେ ମଜୁରୀ ନ ମିଳିବାରୁ ଓ ଅନ୍ୟ ଚାଷରେ କ୍ଷତିର ପରିମାଣ ଅଧିକ ହେଉଥିବାରୁ ଚାଷୀ ବିପଥଗାମୀ ହୋଇ ବିଦେଶକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳୁଛି । ସେଥିପାଇଁ କୋଳି ଚାଷରେ ବେଶୀ ପରିଶ୍ରମ ନ ଥିବାରୁ ଚାଷୀଙ୍କୁ କୋଳି ଓ ପେଡ଼ା ଇତ୍ୟାଦି ଚାଷ କରି ଭଲ ଲାଭ ହୋଇ ପାରିବ ଓ ବିଦେଶକୁ ଦାଦନ ଖଟିବାକୁ ଯିବାକୁ ପଡ଼ିବନି ବୋଲି ୩ ଚାଷୀ ପରାମର୍ଶ ଦେଇଛନ୍ତି । ପୁଣି ଏବର୍ଷ ଅଧିକ ଜମି କୋଳି ଲଗାଇବେ ବୋଲି ଆଶା ରଖିଛନ୍ତି ।

# ଚୋରମରା ସରସ୍ୱତୀ ପୂଜା କମିଟିର ରୌପ୍ୟ ଜୟନ୍ତୀ



ଜଳେଶ୍ୱର ବ୍ଲକ, ୧୯।୨ (ସମିସ)

ଚୋରମରା ସରସ୍ୱତୀ ପୂଜା କମିଟି ଦ୍ୱାରା ୨୫ବର୍ଷ ଧରି ସରସ୍ୱତୀ ପୂଜା ଚୋରମରା ଗ୍ରାମର ସମାଜ ପଡ଼ିଆ ଠାରେ ଅନୁଷ୍ଠିତ ହୋଇ ଆସୁଛି । ଏହି ଅବସରରେ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ କମିଟି ପକ୍ଷରୁ ରୌପ୍ୟ ଜୟନ୍ତୀ ପାଳନ କରା ଯାଇଛି । ଫେବୃଆରୀ ୧୪ ତାରିଖ ସରସ୍ୱତୀ ଦେବୀଙ୍କ ପୂଜାର୍ଚ୍ଚନା, ପୂଜା ଶେଷ ହେବା ପରେ ୧୫ ଫେବୃଆରୀ ରେ କମିଟି ପକ୍ଷରୁ ମହୋତ୍ସବ ନାମ ସଙ୍କୀର୍ତ୍ତନ ହୋଇଥିଲା । ୧୬ ତାରିଖ ସନ୍ଧ୍ୟାରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଓଡ଼ିଆ ଚଳଚିତ୍ର ଓ ଧାରାବାହିକ କଳାକାର ଓ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସୁମଧୁର ସଙ୍ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିଲା।୧୭, ୧୮ ତାରିଖରେ ଗୋଲଡେନ ଅପେରାର କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶିତ ନାଟ୍ୟାଭିନୟ ହୋଇ ୧୯ ତାରିଖରେ ମା' ସରସ୍ୱତୀ ଦେବୀଙ୍କ ଭସାଣି ଉତ୍ସବ ମହା ଆଡ଼ମ୍ବରରେ ସୁବର୍ଣ୍ଣରେଖା ନଦୀ କୂଳରେ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ କମିଟିର ସଭାପତି ସନ୍ତୋଷ ସାହୁ, ସମ୍ପାଦକ ଶୁଭେନ୍ଦୁ ପରିଡ଼ା, କୁମୁଦ ରଞ୍ଜନ ସାହୁ, ଜୀବନ କୃଷ୍ଣ ସାହୁ, ତରୁଣକାନ୍ତୀ ନାୟକ, ମଣ୍ଟୁ କମିଳା, ପ୍ରଦୀପ ସାହୁ, ରାଜେନ୍ଦୁ ପରିଡ଼ା, ଜଗଦିଶ ସାହୁ, ବିଜୟ ନାୟକ, ସନ୍ଦିପ ସାହୁ, ଦିପୁ ନାୟକ, ରବି କମିଳା, ଟିକିନ ପରିଡ଼ା, ବୁଲୁ ସାହୁ, ବାବି ଓ ଖକନ୍ ପ୍ରମୁଖ କମିଟିର ଅନ୍ୟ ସଦସ୍ୟ ମାନଙ୍କ ଅକ୍ଳାନ୍ତ ପରିଶ୍ରମ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ ।

ସକାଳ THE SAKALA
ମଙ୍ଗଳବାର
୨୦ ଫେବୃଆରୀ ୨୦୨୪



## ଅବକାରୀ ଚଢ଼ଉ; ୩ ଗିରଫ

**ତେଲକୋଇ,୧୯।୨(ସମିସ):** ତେଲକୋଇ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯିବା ସହିତ ବ୍ୟାପକ ମହୁଲି ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗୋଳା ଗାଡିଆ ଗ୍ରାମର ପାର ଦେହୁରୀ(୬୦), ଯମୁନା ଦେହୁରୀ (୨୦) ଓ ସିରିଗିଡା ଗ୍ରାମର ପଦ୍ମାବତୀ ନାଏକ (୩୫) ।ଏହା ସହିତ ବାଂଶପାଳ ଓ କନ୍ତଲେଇ ଅଞ୍ଚଳରେ ରେଡ କରାଯାଇ ୨୭୫୦ କେଜି ମହୁଲ ପୋଚ ନଷ୍ଟ କରାଯିବା ସହିତ ୭୭ ଲିଟର ମହୁଲି ଜବତ କରିଛି ଅବକାରୀ ବିଭାଗ। ଏହି ଚଢ଼ଉରେ ଅବକାରୀ ଅଧିକାରୀ ସିଦ୍ଧେଶ୍ୱର ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ ।

## ପ୍ରେମୀଯୁଗଳ ଥାନାରେ ଅଟକ



**ବେଲବାହାଲି,୧୯।୨(ସମିସ):** ଖବର ପ୍ରସାରଣ ପରେ ଫେରାର ହୋଇଥିବା ପ୍ରେମୀ ଯୁଗଳ ଧରାପଡି ଥାନାରେ ଅଟକ ହୋଇଥିବା ସୂଚନା ମିଳିଛି। ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତ ଟୋଲଙ୍କପଡା ଗ୍ରାମର ନିରଞ୍ଜନ ସାହୁଙ୍କ ସାନ ପୁଅ ଦେବାଶିଷ ସାହୁ ପ୍ରଥମ ପତ୍ନୀଙ୍କୁ ମାଡ଼ମାରି ଘରୁ ବାହାର କରି ନିଜ ପ୍ରେମିକାକୁ ଗ୍ରାମରୁ ଉଠାଇ ନେଇ ମନ୍ଦିରରେ ବିବାହ କରିଥିଲେ। ସୂଚନା ମୁତାବକ ଟୋଲଙ୍କପଡା ଗ୍ରାମର ନିରଞ୍ଜନ ସାହୁଙ୍କ ସାନପୁଅ ଦେବାଶିଷ ସାହୁ ଗତ ୯ବର୍ଷ ପୂର୍ବେ ଦରଡିପାଳ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ସ୍ୱର୍ଣ୍ଣଲତା ସାହୁଙ୍କୁ ମାନ୍ୟ ସ୍ୱରୁପ ବିଧିମତ ଭାବେ ବିବାହ କରିଥିଲେ। ଉଭୟ ଦମ୍ପତିଙ୍କ ମଧ୍ୟରେ ୬ବର୍ଷ ହେଲା ସୁବୁଝାମଣା ଭଲରେ କଟିଥିଲା। ଗତ ୩ ବର୍ଷ ହେବ କୌଣସି ଏକ କାରଣ ଯୋଗୁ ଉଭୟ ମଧ୍ୟରେ ପାରିବାରିକ କଳହ ସୃଷ୍ଟି ହୋଇଥିବା ବେଳେ ଦେବାଶିଷ ସାହୁ ନିଜ ପତ୍ନୀଙ୍କୁ ଦୀର୍ଘ ୧୫ ଦିନ ହେବ ଖାଇବା ପିଇବା ନଦେଇ ବିନା କାରଣରେ ମାଡ଼ ମାରି ନେଇ ତାଙ୍କ ଘରେ ଛାଡ଼ି ଦେଇଥିଲେ। ଏନେଇ ସ୍ୱର୍ଣ୍ଣଲତା ଘଷିପୁରା ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲେ। ବହୁ ଖୋଜାଖୋଜି ପରେ ଆଜି ଅପରାହ୍ନ ସମୟରେ ଘସିପୁରା ଥାନାସ୍ଥିତ କ୍ରିଷ୍ଣା ହୋଟେଲେରୁ ଉଭୟ ପ୍ରେମୀ ଯୁଗଳଙ୍କୁ ଘସିପୁରା ଥାନା ପୁଲିସ ଗିରଫ କରିଥିବା ସୂଚନା ମିଳିଛି।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା




**ରାମଚନ୍ଦ୍ରପୁର,୧୯।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନୀଳମଣୀ ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି। ପଣ୍ଡିତ ଅଭୟ କୁମାର ତ୍ରିପାଠୀ ସଂଯୋଜନାରେ ପ୍ରାକ୍ତନ ଶିକ୍ଷକ ରତ୍ନାକର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ସାହୁ, ବଳରାମ ଦାସ, ବରିଷ୍ଠ ରାଜନେତା ଅଜୟ କୁମାର ପଟ୍ଟନାୟକ, ଯୁବ ଉଦ୍ୟୋଗ ପତି ପ୍ରିୟଦର୍ଶୀ ପଟ୍ଟନାୟକ, ପିସିସି ସାଧାରଣ ସମ୍ପାଦକ ସଂଗ୍ରାମ ଦାସ, ଜିଲ୍ଲା କଂଗ୍ରେସ କମିଟି ସଭାପତି ମୋହନ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଘସିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ର,ସମାଜସେବୀ ଡ. ରତିକାନ୍ତ ବରାଳ, ବିପ୍ଳବ ମିଶ୍ର, ବିନୋଦ ବିହାରୀ ନାୟକ, ଭଗବାନ ସାହୁ, ସନ୍ତୋଷ କୁମାର ପଟ୍ଟନାୟକ, ସୁଜିତ କୁମାର ଧୀର, ବଳରାମ ବେହେରା, ସୋମନାଥ ଧୀର, ସୋମେନ୍ଦ୍ର ଧୀର, ହୃଦାନନ୍ଦ ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ଟିକିନା ପଟ୍ଟନାୟକ,ବିଚିତ୍ର ଚକ୍ର ସମେତ ଅନେକ ଜଣାଶୁଣା ବ୍ୟକ୍ତି ବିଶେଷ ଯୋଗ ଦେଇ ଶିକ୍ଷକଙ୍କ ସ୍ମୃତି ଚାରଣ କରିବା ସହ ଗୀତା ପାଠ ଏବଂ ଭଜନ ପରିବେଷଣ କରାଯାଇଥିଲା ।ଶେଷରେ ବଡପୁଅ ତାରିଣୀ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ବ୍ୟକ୍ତି ବିଶେଷ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ହାଟଡ଼ିହୀ/ସୋସୋ,୧୯।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ହାଟଡ଼ିହୀ ବ୍ଲକର ଶାସଙ୍ଗ ଓ ହଦଗଡ଼ ଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ହାଟଡ଼ିହୀ ବ୍ଲକ୍ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ସାହୁ, ସଭ୍ୟା ସୁକାନ୍ତି ଜେନା, ସମିତିସଭ୍ୟ ଜଗତାନନ୍ଦ ଜେନା, ବିଜେଡି ନେତା ଅଭିମନ୍ୟୁ ସେଠୀ ଯୋଗ ଦେଇଥିଲେ। ଶାସଙ୍ଗ ପଞ୍ଚାୟତର ସରପଞ୍ଚ ମଧୁମିତା ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତର ପିଇଓ ଶରତ ଚନ୍ଦ୍ର ବେଜ୍, ସରପଞ୍ଚ ପ୍ରତିନିଧି ସୁଧାଂଶୁ ଶେଖର ବିଶ୍ୱାଳ ପ୍ରମୁଖଙ୍କ ସହ ମିଶନ ଶକ୍ତି ମହିଳା ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉଦୟନାଥ ସା, ପ୍ରମୋଦ ବଶ୍ୱାଳ, ଆକାଶ ସା, ସୁବୋଧ ଆଇଚ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ହଦଗଡ଼ ପଞ୍ଚାୟତରେ ସରପଞ୍ଚ ନିରୂପମା ନନ୍ଦୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଇଓ ଉମାକାନ୍ତ ସା, ସମିତିସଭ୍ୟା ସାନିଆ ହାଁସଦା, ନାଏବ ସରପଞ୍ଚ ସୁଶିଲ ନାଏକ, ଜିଆରଏସ୍ ଗୋଲକ ନାଏକ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଏକ, ମଦନମୋହନ ନନ୍ଦୀ ପ୍ରମୁଖ ସାମିଲ ହୋଇଥିଲେ।

# ପାଇଖାନା ଛାତଖସି ୨ ଛାତ୍ର ଗୁରୁତର




**ପାଟଣା,୧୯।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ସ୍ଥିତ ଉର୍ଦ୍ଦୁ ପ୍ରାଥମିକ ମକ୍ତବ ସ୍କୁଲର ପାଇଖାନା ଛାତ ଭୁଶୁଡ଼ି ୨ ଜଣ ୫ମ ଶ୍ରେଣୀର ଛାତ୍ର ଗୁରୁତର ହୋଇ କେନ୍ଦୁଝର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଏହି ଛାତ୍ର ୨ ଜଣ ହେଲେ ପାଟଣା ଟାଇଁସିରା ସାହିର ସନ୍ତୋଷ କାରୁଆ ଓ ରାଜା ନାଏକ। ସ୍କୁଲ ପରିସରରେ ଥିବା ପୁରୁଣା ପାଇଖାନା ଘରକୁ ଭାଙ୍ଗି ସଫା କରାଯାଉଛି। ଆଜି ଏହି ଛାତ୍ର ୨ ଜଣ ଏଠାରେ ଦୁର୍ଘଟଣାର ଶିକାର ହେବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ତାଙ୍କ ଉପରେ ପୁରୁଣା ପାଇଖାନାର ଛାତ ଖସି ଚାପି ହୋଇ ରହିଥିଲେ। ଉଭୟଙ୍କୁ ଉଦ୍ଧାର କରି ପାଟଣା ଡାକ୍ତରଖାନାରୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ଛାତ ଭଙ୍ଗା କାମରେ ଲଗା ଯାଇଥିଲା ଏବଂ ଅସାବଧାନତା କାରଣରୁ ତାଙ୍କ ଉପରେ ଛାତ ଖସି ଚାପି ହୋଇଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଏହାକୁ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ମହାନ୍ତ ଅସ୍ୱୀକାର କରିଛନ୍ତି। ସେମାନେ ପରିସ୍ରା କରିବାକୁ ଯାଉଥିଲା ବେଳେ ଏଭଳି ଘଟଣା ଘଟିଛି। ତାଙ୍କୁ ଏଠାରେ କୌଣସି କାମରେ ଲଗା ଯାଇ ନ ଥିଲା ବୋଲି ସେ ରୋକ୍‌ଠୋକ ମନା କରିଥିଲେ। ଏହି ଘଟଣାକୁ ନେଇ ରାସ୍ତା ଅବରୋଧ ସହିତ ବହୁ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ ପାଇଁ ଏବିଇଓ ସଚ୍ଚିଦାନନ୍ଦ ସେଠୀ ଏବଂ ବିଜୟ ଓଝାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ।

## ମୋବାଇଲ, ବାଇକ୍ ଓ ନଗଦ ଟଙ୍କା ଜବତ

**ତେଲକୋଇ,୧୯।୨(ସମିସ):** ତେଲକୋଇ ଥାନା ପୁଲିସ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ତେଲକୋଇ ଥାନା ସିଙ୍କୁଲା ବାହାଳ ଗ୍ରାମର ଭାଗିରଥି ଅମାନ୍ତଙ୍କ ପୁଅ ତପନ କୁମାର ଅମାନ୍ତ(୨୫)। ଗିରଫ ଅଭିଯୁକ୍ତଠାରୁ ପୁଲିସ ନଗଦ ୨୭୩୦ ଟଙ୍କା, ଗୋଟିଏ ମୋଟର ସାଇକଲ ଓ ଗୋଟିଏ ମୋବାଇଲ ଜବତ କରିଛି। ତେବେ ଖୁଣ୍ଟାପଡ଼ା ସ୍ଥିତ ବ୍ରହ୍ମେଶ୍ୱର ମନ୍ଦିର ମାର୍କେଟ କମ୍ପ୍ଲେକ୍ସରେ ଥିବା ଜନସେବା କେନ୍ଦ୍ରରେ ଗତ ଶନିବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଟାଇଲ ଛପର ଭାଙ୍ଗି ଚୋରି କରିଥିଲା ଏବଂ ଅନ୍ୟ ଦୋକାନକୁ ଚୋରି ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୁଲିସ୍ ପକ୍ଷରୁ ୧୦୨/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରାଥମିକ ତଦନ୍ତ ପରେ ବିଭିନ୍ନ ପ୍ରମାଣ ଆଧାରରେ ପୁଲିସ ଅଭିଯୁକ୍ତ ଚୋରକୁ ଗିରଫ କରିଥିଲା।

## ମାଛ ଧରିବାକୁ ଯାଇ ଯୁବକ ନିଖୋଜ

ବଡ଼ବିଲ,୧୯।୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା କାରୋ ନଦୀକୁ ମାଛ ଧରିବାକୁ ଯାଇ ଜଣେ ୪୦ ବର୍ଷୀୟ ଯୁବକ ନିଖୋଜଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବଡ଼ବିଲ ଥାନା ଅନ୍ତର୍ଗତ ହାୟରପୁର ଗ୍ରାମର କିଛି ପିଲା ସ୍ଥାନୀୟ କାରୋ ନଦୀକୁ ମାଛ ଧରିବାକୁ ଯାଉଥିବା ବେଳେ ସେହି ଗ୍ରାମର ଦୁଲ୍ଲୁ ମୁଣ୍ଡ (୪୦) ନଦୀ ଭିତରୁ କେଉଁ ଆଡେ ନିଖୋଜ ହେଇଯାଇଥିଲେ ତେବେ ବଡ଼ବିଲ ପୁଲିସ ଓ ଅଗ୍ନିଶମ ସେବା ବାହିନୀ ଆଜି ପର୍ଯ୍ୟନ୍ତ ବହୁ ଖୋଜା ଖୋଜି କରି ମଧ୍ୟ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ଆସନ୍ତାକାଲି ପୁଣି ଖୋଜା କାମ ହେବ ବୋଲି ବଡ଼ବିଲ ପୋଲିସ ସୂଚନା ଦେଇଛି।

## ରାଜ୍ୟପାଳଙ୍କ କେନ୍ଦୁଝର ଗସ୍ତ
## ବଳଦେବଜୀଉ ଓ ଘଟଗାଁ ତାରିଣୀ ଦର୍ଶନ

**କେନ୍ଦୁଝର,୧୯।୨(ସମିସ):** କେନ୍ଦୁଝରକୁ ରାଜ୍ୟପାଳ ରଘୁବର ଦାସଙ୍କର ଦିନିକିଆ ଗସ୍ତ କାର୍ଯ୍ୟକ୍ରମ ଅବସରରେ ପ୍ରଭୁ ବଳଦେବଜୀଉ ଏବଂ ଘଟଗାଁ ତାରିଣୀ ଦର୍ଶନ କରିଛନ୍ତି। ସୋମବାର ରାଜ୍ୟପାଳ ହେଲିକପଟର ଯୋଗେ ଆସି ରାଇଁସୁଆଁଠାରେ ଓହ୍ଲାଇ ସଦର ବ୍ଲକର ଟିକରପଡାକୁ ଗସ୍ତ କରିଥିଲେ। ସେଠାରେ ଏପିସି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ମହିଳା ଚାଷୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ। କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସେଠାରୁ ଟାଙ୍ଗରପଲସା ଯାଇ ଟେଲରିଂ କେନ୍ଦ୍ର ଗସ୍ତ ପରେ ବଡ଼ି ଫେଡେରେସନ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ବକ୍ସି ବାରିଗାଁ ଯାଇଥିଲେ। ସେଠାରୁ ଫେରି ପରେ ସେଠାରୁ ହଳଦିଆଟାଙ୍ଗିରି ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଯାଇ ପୋଷଣ





କେନ୍ଦୁଝରର ଆରାଧ୍ୟ ବଳଦେବଜୀଉ ଏବଂ ଘଟଗାଁରେ ମା' ତାରିଣୀ ଦର୍ଶନ କରି ମୟୂରଭଞ୍ଜ ଅଭିମୁଖେ ଯାତ୍ରା କରିଛନ୍ତି।

## ପ୍ରେସ୍ ଫୋରମ୍ ପକ୍ଷରୁ ନିଶାମୁକ୍ତି ଅଭିଯାନ

**ଆନନ୍ଦପୁର, ୧୯।୨(ସମିସ):** ଏକ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୧୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା କମଳାକାନ୍ତ ଦାସ ଓ ସଭାପତି ଉମେଶ ଚନ୍ଦ୍ର ପାଢି ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଫୋରମର ସମ୍ପାଦକ ନିର୍ମଳ ଚନ୍ଦ୍ର ରାଉଳଙ୍କ ସମେତ ସ୍ୱେଚ୍ଛାସେବୀମାନେ ପ୍ରତିଦିନ ବିଭିନ୍ନ ସାହିବସ୍ତିକୁ ପଦଯାତ୍ରାରେ ଯାଇ ସଚେତନତା ସୃଷ୍ଟି କରୁଥିବା ପରିଲକ୍ଷିତ ହୋଇଛି। ଇତି ପୂର୍ବରୁ ନୂଆ ଭୋଟରମାନଙ୍କୁ ମତଦାନ ପାଇଁ ସଚେତନତା ସୃଷ୍ଟି କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ନିଶାମୁକ୍ତି ଅଭିଯାନ ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେବେ ଆନନ୍ଦପୁର ଉପଖଣ୍ଡର ସମସ୍ତ ପଞ୍ଚାୟତ ଓ ପୌରାଞ୍ଚଳର ସମସ୍ତ ୱାର୍ଡରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ବ୍ୟାପକ ଭାବେ କରାଯିବ ବୋଲି ଫୋରମ୍ ପକ୍ଷରୁ ସୂଚନା ମିଳିଛି।

## ସୁଡୁସୁଡ଼ିଆଠାରେ ସଚେତନତା ଶିବିର



**ଆନନ୍ଦପୁର,୧୯।୨(ସମିସ):** ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସହରାଞ୍ଚଳ ବିକାଶ ଲାଗି ଆଜି ବିକାଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୁଡୁସୁଡିଆ ଖେଳପଡିଆଠାରେ ଆୟୋଜିତ ଏହି ସମାବେଶରେ ୧୨ ଓ ୧୩ ନଂ ୱାର୍ଡର ଅଞ୍ଚଳବାସୀଙ୍କୁ ନେଇ ଆୟୋଜିତ ଶିବିରକୁ ଆନନ୍ଦପୁର ପୌର ଅଧକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ ପ୍ରଦୀପ ଉଦଘାଟନ କରିଥିଲେ। ପୌରପାଳିକା ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ର ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ସଭାକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୌର ଅଧକ୍ଷା ସୁଶ୍ରୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ସମ୍ମାନୀତ ଅତିଥି ଭାବେ କାଉନସିଲର ସମ୍ବିତ କୁମାର ଦାସ ଓ ୧୨ ନଂ. କାଉନସିଲର ସୁପ୍ରିୟା ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହରାଞ୍ଚଳ ମିଶନ ଶକ୍ତି ଅଧିକାରୀ ସୀମାଞ୍ଚଳ ନାୟକ, ଶୁଭକାନ୍ତ ଜେନା, ମୁକ୍ତା ଯୋଜନା ଅଧିକାରୀ ଆର୍ଯ୍ୟ ଦେବବ୍ରତ ସାମଲ, ସ୍ୱଚ୍ଛସାଥୀ ଜୟନ୍ତୀ ସେନାପତି ଓ ଜଳସାଥୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସମାବେଶରେ ୧୨ ଓ ୧୩ ନଂ ୱାର୍ଡର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟା ମାନେ ଯୋଗ ଦେଇଥିଲେ।

## ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇଲେ ଦୁଇ ଯୁବକ



ଆନନ୍ଦପୁର, ୧୯।୨(ସମିସ): ପ୍ରତିଟି ଜୀବନ ମୂଲ୍ୟବାନ ଓ ରକ୍ତବିନା କାହାର ଜୀବନ ନଯାଉ ନୀତିରେ ଅନୁପ୍ରାଣିତ ହୋଇ ଆଜି ଦୁଇ ଜଣ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି ଦୁଇ ଯୁବକ। ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ ବେଲବାହାଳି ଗ୍ରାମର ନମିତା ସାହୁ ଓ ଠାକୁରମୁଣ୍ଡା ଗ୍ରାମର ଖୁସି ଦାସ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ହିମୋଗ୍ଲୋବିନ ପରିମାଣ ଯଥେଷ୍ଟ କମ୍ ଥିବାରୁ ରକ୍ତ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଆନନ୍ଦପୁର ଡାକ୍ତରଖାନା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଯୋଗୁ ଦୁଇ ରୋଗୀଙ୍କ ସମ୍ପର୍କୀୟ ମାନେ ବ୍ୟସ୍ତ ବିବ୍ରତ ହୋଇ ନିରୁପାୟ ହୋଇପଡିଥିଲେ। ସାମାଜିକ ଗଣମାଧ୍ୟମରୁ ଏହି ଖବର ପାଇବା ପରେ ତରୁଆଁ ଗ୍ରାମର ଓ ଓସ୍ତପୁରା ଗ୍ରାମର ପ୍ରଭଞ୍ଜନ ଚକ୍ର ଡାକ୍ତରଖାନାରେ ପହଞ୍ଚି ରକ୍ତଦାନ କରିଥିବାରୁ ଦୁଇ ରୋଗୀଙ୍କ ଜୀବନ ରକ୍ଷା ହୋଇପାରିଛି ବୋଲି ଜଣାଯାଇଛି। ଦୁଇ ଯୁବକଙ୍କ ଏହି ସ୍ୱେଚ୍ଛାକୃତ ରକ୍ତଦାନରେ କ୍ରୀଡା ସଂଗଠକ ବୁଲୁ ପଟ୍ଟନାୟକ, ସତ୍ୟ ପ୍ରକାଶ ଖୁଣ୍ଟିଆ, ବାପୁନୁ ସାହୁ ଓ ବଳରାମ ସାହୁ ସହଯୋଗ କରିଥିଲେ।

## ତରିମୂଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆନନ୍ଦପୁର,୧୯।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ତରିମୂଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନରେଶ ଚନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ



ଆନନ୍ଦପୁର ବ୍ଲକର ପୂର୍ବତନ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭବାନୀ ପ୍ରସାଦ ବଳ, ରମାକାନ୍ତ ଜେନା, ବିଜୟ ସାହୁ, ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ରାଉତରାୟ ଏବଂ ପରିଚାଳନା କମିଟିର ସଭାପତି ରାଜୀବ ଲୋଚନ ରାଉତ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ତେଲକୋଇର ୯ ଟି କେନ୍ଦ୍ରରେ ୧୫୨୭ ପରୀକ୍ଷାର୍ଥୀ

**ତେଲକୋଇ,୧୯।୨(ସମିସ):** ତେଲକୋଇ ବ୍ଲକରେ ଚଳିତ ବର୍ଷ ସମୁଦାୟ ୧୫୨୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ରହିଥିବା ବେଳେ ୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ରାଇସୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮୨ଜଣ ପରୀକ୍ଷାର୍ଥୀ, ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୭୦ ଜଣ, ବେଣା ମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୧୩୨ ଜଣ, ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ଦେଉଳ ଡିହା କେନ୍ଦ୍ରରେ ୧୭୨ ଜଣ, ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗୋଳାବନ୍ଧ କେନ୍ଦ୍ରରେ ୧୩୫ ଜଣ, ସିରିଗିଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୧, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତେଲକୋଇ କେନ୍ଦ୍ରରେ ୧୬୯ ଜଣ, ବ୍ରହ୍ମେଶ୍ୱର ଉଚ୍ଚ ବିଦ୍ୟାଳୟ ଖୁଣ୍ଟାପଡ଼ା କେନ୍ଦ୍ରରେ ୧୩୫ ଜଣ ଓ ରାଧା କୃଷ୍ଣ ଉଚ୍ଚ ବିଦ୍ୟାଳୟ ଶିବ ନାରାୟଣ ପୁର ଗୋଡା ପରୀକ୍ଷା କେନ୍ଦ୍ରରେ ୧୩୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ରହିଛି। ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସର୍ବାଧିକ ୨୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ରହିଥିବା ବେଳେ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ଶିବ ନାରାୟଣପୁର ଗୋଡା ପରୀକ୍ଷା କେନ୍ଦ୍ରରେ ସର୍ବନିମ୍ନ ୧୩୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ଏକ ସ୍ୱତନ୍ତ୍ର ଷ୍ଟ୍ରଙ୍ଗ ରୁମରେ ପ୍ରଶ୍ନ ପତ୍ର ସୁରକ୍ଷିତ ଭାବେ ରଖାଯାଇଛି। ପୁଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇ ଦିଆ ଯାଉଥିବା ବେଳେ ସିସି କ୍ୟାମେରାର ସୁରକ୍ଷା ବଳୟ ଭିତରେ ଷ୍ଟ୍ରଙ୍ଗ ରୁମ ରହିଛି। ୯ଟି ପରୀକ୍ଷା କେନ୍ଦ୍ରକୁ ସଠିକ୍ ସମୟରେ ପ୍ରଶ୍ନ ପତ୍ର ପହଞ୍ଚାଇବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ୩ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଉକ୍ତ ଟିମ୍‌ରେ ମଧ୍ୟ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି।

# ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଯୋଡା,୧୯।୨(ସମିସ):** କେନ୍ଦୁଝର ଜିଲ୍ଲା ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ଆନୁକୂଲ୍ୟରେ ଯୋଡା ୟୁନିଟ କର୍ମଚାରୀ ପରିବାରର ମହିଳା ଜାଗୃତି ଗ୍ରୁପକୁ ନେଇ ଟାଟା ସ୍ପଞ୍ଜ ଖେଳପଡିଆରେ ଏକ ଦିବସୀୟ ମହିଳା କ୍ରିକେଟ୍ ମ୍ୟାଚ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଶନିବାର ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ବେଳେ ଜାଗୃତି ବ୍ଲୁ ଓ ଜାଗୃତି ୟଲୋ ମଧ୍ୟରେ ଖେଳିଯାଇଥିଲା। ପ୍ରଥମେ ଜାଗୃତି ବ୍ଲୁ ବେଟିଂ କରି ୧୨ ଓଭରରେ ୬୪ ରନ ସଂଗ୍ରହ କରିଥିବା ବେଳେ ଜାଗୃତି ୟଲୋ ସମସ୍ତ ୱିକେଟ୍ ହରାଇ କେବଳ ୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଖେଳ ଆରମ୍ଭରୁ ଉଭୟ ଦଳ ମଧ୍ୟରେ କଡା ଟକ୍କର ଲାଗି ଥିବା ବେଳେ ସମୁଦାୟ ମ୍ୟାଚ ଖୁବ୍ ଉତ୍କର୍ଣ୍ଣାପୂର୍ଣ୍ଣ ରହିଥିବା ଦେଖିବାକୁ ମିଳିଥିଲା। ଆୟୋଜିତ କ୍ରିଡାତ୍ସୋବରେ ସଞ୍ଜୟ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମିଶୁତକା ଦେବନାଥ ଓ ୟୁନିୟନ ଅଧିକାରୀ ବଳବନ୍ତ ବେହେରା ଦେବେନ୍ଦ୍ର ବାରିକ ସନ୍ତୋଷ ଓରାମ, ସମୟ ମହାନ୍ତି ଅରୁପା ଦାସ ଓ ଶିବ ସୁନ୍ଦର ପାଢୀ ଉପସ୍ଥିତଥିଲେ।

## ୨୫ରେ ଆନନ୍ଦପୁରରେ ବ୍ରାହ୍ମଣ ସମାଜ ମହାସଭା ସମାବେଶ

ଆନନ୍ଦପୁର, ୧୯।୨(ସମିସ): ଆନନ୍ଦପୁରରେ ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ସମାଜ ମହାସଭାର ସମାବେଶ ସ୍ଥାନୀୟ ଟୁକୁଣାଠାରେ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଚୂଡାନ୍ତ ନିଷ୍ପତି ହୋଇଯାଇଛି। ଏହି ଉପଲକ୍ଷେ ଶାଳପଡା ଶ୍ରୀହନୁମାନଜିଉଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଇଂ.ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ହେବାକୁ ଥିବା ଏହି ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ସମାବେଶରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଥିବା ସମସ୍ତ ଶାସନର ବ୍ରାହ୍ମଣ ସମାଜ, କର୍ମକର୍ତ୍ତା ଯୋଗ ଦେବାକୁ ବିଭିନ୍ନ ଶାସନର ଗ୍ରାମୀନ ମାନଙ୍କ ଜରିଆରେ ସୂଚନା ଦେବାକୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଆନନ୍ଦପୁର ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଶ୍ରୀଦଧିବାମନଜିଉ ଶାସନ, ଶାଳପଡା, ଟୁକୁଣା, ଭୋଳନୂଆଗାଁ, ପଦମପୁର, ଜନାର୍ଦ୍ଦନପୁର, ଝାଡକୁଣ୍ଡି, କେଶଦୁରାପାଳ, ଦେଓଗାଁ, ତରତରା, ଖମାରନଣ୍ଡି , ତୋରାଣିଆପାଳ, ଫକୀରପୁର, ଡୁଡୁଗାଁ, ପୁସ୍କୁରା, ବିରଗୋବିନ୍ଦପୁର, ଶୈଲଙ୍ଗ ଶାସନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସମାବେଶର କାର୍ଯ୍ୟକ୍ରମକୁ ପରିଚାଳନା କରିବାକୁ ସଂଯୋଜନା କମିଟିରେ ଆଇନିଜୀବୀ ଦୟାନିଧି ଦାଶ, ଭାଗିରଥି ଦାଶ, ଝାଡେଶ୍ୱର ପଣ୍ଡା, ନିରଞ୍ଜନ ଦାଶ ଓ ଟୁକୁଣା ଶାସନର ଅଜୟ କୁମାର ମିଶ୍ର, ବିଜୟ କୁମାର ମିଶ୍ର, ମଦନ ମୋହନ ମିଶ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଆଇନିଜୀବୀ ଚିତ୍ତରଞ୍ଜନ ଦାଶ, ଶରତ କୁମାର ମିଶ୍ର, ପୁରୁଷୋତ୍ତମ ମିଶ୍ର, ମଦନମୋହନ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ସେହିପରି କୋର କମିଟିରେ ବଳରାମ ମିଶ୍ର, ଶାନ୍ତନୁ କୁମାର ମିଶ୍ର, ସୁରେନ୍ଦ୍ରନାଥ ମିଶ୍ର, ପ୍ରଦୀପ କୁମାର ମିଶ୍ର, ଦେବ ଦାଶ, ଜଗବନ୍ଧୁ ପତି, ପ୍ରଶନ କୁମାର ମିଶ୍ର, ଶ୍ରୀହର୍ଷ ଶତପଥୀ, ଦାସରଥି ପଣ୍ଡା ମନୋନୀତ ହୋଇଥିବା ବେଳେ ଆବାହକ ଭାବେ ଶରତ ଚନ୍ଦ୍ର ମିଶ୍ର, ସହକାରୀ ଆବାହକ ଭାବେ ପଦ୍ମନାଭ ମିଶ୍ର, ସଂଯୋଜକ ଭାବେ ପୁରୁଷୋତ୍ତମ ମିଶ୍ର, ସହସଂଯୋଜକ ଭାବେ ସୁଶୀଲ କୁମାର ହୋତା, କୋଷାଧ୍ୟକ୍ଷ ଭାବେ ଶାନ୍ତନୁ କୁମାର ମିଶ୍ର ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ମିଶ୍ର, ଜଗବନ୍ଧୁ ପତି, ଅମରେନ୍ଦ୍ର ପତି, ଶ୍ରୀଧର ମିଶ୍ର, ଶତ୍ରୁଘ୍ନ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପତି, ସନାତନ ଦାସ, ଜଗବନ୍ଧୁ ଦାସ, ଦୟାନିଧି ମିଶ୍ର, ସନ୍ତୋଷ କୁମାର ଦାସ, ରବିନ୍ଦ୍ର କୁମାର ପାଢୀ, ନରହରି ମିଶ୍ର, ଶ୍ରୀହର୍ଷ ଶତପଥୀ, ଶ୍ରୀନିବାସ ମିଶ୍ର, କେଦାରନାଥ ରଥ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

